# ୨୭ରେ କେନ୍ଦ୍ରୀୟ ଦୋଳ ମେଳନ




**ରାଉରକେଲା, ୧୭ ।୩(ସମିସ):** ଆସନ୍ତା ୨୭ ତାରିଖ ସେକ୍ଟର-୭ ଦୋଳମେଳନ ପଡ଼ିଆରେ କେନ୍ଦ୍ରୀୟ ଦୋଳ ମେଳନ ଅନୁଷ୍ଠିତ ହେବ। ଏ ନେଇ ରବିବାର ସେକ୍ଟର-୧୫ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମର ଅଧକ୍ଷ ହରିହର ରାଉତରାୟ ଓ ସମିତି ସଭାପତି ବିରାଜ ମୋହନ ବିଶ୍ୱାଳ ସୂଚନା ପ୍ରଦାନ କରି କହିଲେ ଯେ ଏଭଳି କାର୍ଯ୍ୟକ୍ରମ ପ୍ରାୟ ୧୦ ବର୍ଷ ହେବ ଅନୁଷ୍ଠିତ ହୋଇଆସୁଛି। ଗତ ବର୍ଷ ୩୬ଟି ଦୋଳ ବିମାନ ଯୋଗଦେଇଥିବା ବେଳେ ଚଳିତ ବର୍ଷ ଏହା ୫୦କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଓଡ଼ିଶାର ମହାନ ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବା ଓ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଏହି ପ୍ରୟାସ କରାଯାଉଛି। ୨୭ ତାରିଖ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ, ଓଡ଼ିଶୀ ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମସ୍ତ ଦୋଳ ବିମାନ ସେକ୍ଟର-୭ କମ୍ୟୁନିଟି ସେଣ୍ଟରରୁ ଶୋଭାଯାତ୍ରାରେ ବାହାରି ମେଳଣ ପଡ଼ିଆରେ ମିଳିତ ହେବେ। ପ୍ରଥମେ ଆସିଥିବା ମେଢ଼ ଓ ସୁସଜ୍ଜିତ ମେଢ଼କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇ ଉତ୍ସାହିତ କରାଯିବ। ମେଳଣରେ ଯୋଗଦେଉଥିବା ପ୍ରତ୍ୟେକ ବିମାନକୁ ବିଦାକି ବାବଦ ୨ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ପ୍ରାୟ ୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି। ପ୍ରତିଷ୍ଠାତା ସଦସ୍ୟ ସୁଶାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ଉତ୍ତମ କୁମାର ସାମଲ, ଡା. ମାନସୀ ଜେନା, ଜୟନ୍ତୀ ଦାସ, ସମ୍ପାଦକ ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ବିଷ୍ଣୁ ଚରଣ ବିଶ୍ୱାଳ, ଈଶ୍ୱର ଭଞ୍ଜ, ଦିଲୀପ ସାହୁ, ପର୍ଶୁରାମ ପୋଥାଳ, ଅକ୍ଷୟ ରାଉତ, କପିଳେଶ୍ୱର ମିଶ୍ର, କମଳାକାନ୍ତ ସାମଲ, ରାମଚନ୍ଦ୍ର ଦାସ, ଦୀପ୍ତିରଞ୍ଜନ ବାରିକ, ନରେନ ଦାସ, ପ୍ରିୟବ୍ରତ ଭଞ୍ଜ, ପରୀକ୍ଷିତ ମହାରଣା, ରେଖା କୋଠରୀ, ସଞ୍ଜୀବସାନ ସ୍ୱାଇଁ, ରାକେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

● କାର ଧକ୍କାରେ ବାଇକ ଚାଳକ ମୃତ

## କାର୍‌ରେ ନିଆଁ ଲଗାଇ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

**ସୁନ୍ଦରଗଡ଼, ୧୭ ।୩(ସମିସ):** ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହି ନିକଟରେ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ସମ୍ପୃକ୍ତ କାରରେ ନିଆଁ ଲଗାଇଦେବା ସହ ରାସ୍ତା ଅବରୋଧ କରିଛନ୍ତି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ରାସ୍ତା ଅବରୋଧ ଜାରି ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛି।

**ମର୍ଗହାଉସରୁ ଶିଶୁକନ୍ୟାର ମୃତଦେହ ନେଇଯିବା ଘଟଣା**

# ବୁଝାଶୁଝା ପରେ ହେଲା ବ୍ୟବଚ୍ଛେଦ

**ରାଉରକେଲା, ୧୭ ।୩(ସମିସ)**

ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଜଣେ ୬ ବର୍ଷର ଶିଶୁକନ୍ୟାର ମୃତଦେହକୁ ଝଡ଼ାଫୁଙ୍କା କରି ପୁଣି ଜୀବିତ କରିବା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ମର୍ଗରୁ ନେଇଆସିବା ଘଟଣା ରବିବାର ସମାଧାନ ହୋଇଛି। ପୁଲିସର ହସ୍ତକ୍ଷେପ ପରେ ଶିଶୁକନ୍ୟାର ମାଆ ପୁଲିସକୁ ମୃତଦେହ ହସ୍ତାନ୍ତର କରିବା ପରେ ବ୍ୟବଚ୍ଛେଦ କରାଯାଇଛି। ରାଉରକେଲା ସହର ଉପକଣ୍ଠ ଟାଙ୍ଗରପାଲ୍ଲୀ ଥାନା ଆଇଡିଏଲ୍ ଗେଟ ନିକଟ ସୋନାପର୍ବତ ଅଞ୍ଚଳରେ ବାସ କରୁଥିବା ବିଧବା ମହିଳା ରାଧା ସିଂହଙ୍କ ଶିଶୁକନ୍ୟା ସୁହାନୀ ସିଂହ ଶନିବାର ଖେଳୁଥିବା ବେଳେ ଏକ ସାପ ତାକୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ରାଧା ଏବଂ ତାଙ୍କ ପରିବାର ଲୋକେ ସୁହାନୀକୁ ଆର୍‌ଜିଏଚ୍‌କୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସୁହାନୀର ମୃତଦେହକୁ ବ୍ୟବଚ୍ଛେଦ ତଥା ଅନ୍ୟାନ ଔପଚାରିକତା ପାଇଁ ମର୍ଗ ହାଉସରେ ରଖାଯାଇଥିଲା। ମାତ୍ର ଝଡ଼ାଫୁଙ୍କା କଲେ ତାଙ୍କ ଝିଅ ଜୀବନ ବଞ୍ଚିଯିବ ବୋଲି ଭାବି ପରିବାର ଲୋକେ ମର୍ଗ ହାଉସରୁ ସୁହାନୀର ମୃତଦେହ ଘରକୁ ନେଇଆସି ଝଡ଼ାଫୁଙ୍କା ଆରମ୍ଭ କରି ଦେଇଥିଲେ। ଖବର ପାଇ ଟାଙ୍ଗରପାଲ୍ଲୀ ଓ ରଘୁନାଥପାଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ନେବାକୁ କହିବାରୁ ପରିବାର ଲୋକେ ଦେବାକୁ ମନା କରି ଦେଇଥିଲେ। ଏହାକୁ ନେଇ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ରବିବାର ଜୋନାଲ ଡିଏସପି ନିର୍ମଳ କୁମାର ମହାପାତ୍ର, ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ରାମେଶ୍ୱର ସିଂହ ଏବଂ କିଛି ସ୍ଥାନୀୟ ନେତୃତ୍ୱ ରାଧା ଏବଂ ତାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବାରୁ ତାଙ୍କୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ ବୋଲି କହି ଦୀର୍ଘ ସମୟ ବୁଝାଶୁଝା କରିବା ପରେ ରାଧା ରାଜି ହୋଇ ପୁଲିସକୁ ମୃତଦେହ ହସ୍ତାନ୍ତର କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଘଟଣାରେ ଆର୍‌ଜିଏଚ୍‌ର ଢିଲା ସୁରକ୍ଷା ବ୍ୟବସ୍ଥାକୁ ପୁନର୍ବାର ପଦାରେ ପଡ଼ିଯାଇଛି। ଆର୍‌ଜିଏଚ୍‌ରେ ପୁଲିସ ଫାଣ୍ଡି ଥିବାବେଳେ ସେଠାରେ ସବୁବେଳେ କର୍ମଚାରୀ ରହୁଛନ୍ତି। ଏତଦ୍‌ବ୍ୟତୀତ ଏକ ଘରୋଇ ସିକ୍ୟୁରିଟି ସଂସ୍ଥା କର୍ମଚାରୀ ମଧ୍ୟ ସେଠାରେ ନିୟୋଜିତ ହୋଇଛନ୍ତି। ଏହା ସତ୍ତ୍ୱେ କିପରି ମର୍ଗ ହଉସରୁ ଶବ ଚାଲିଗଲା ତାକୁ ନେଇ ଉଠିଛି ପ୍ରଶ୍ନ।

## ରାଧାଙ୍କ ଘରୁ ନାଗସାପ ଉଦ୍ଧାର

ଶନିବାର ସାପ କାମୁଡ଼ାରେ ରାଧାଙ୍କ ଝିଅର ମୃତ୍ୟୁ ହୋଇଥିବା ବେଳେ ରବିବାର ସନ୍ଧ୍ୟାରେ ଏକ ନାଗସାପ ରାଧାଙ୍କ ଘରେ ପଶିଥିଲା। ଏଥିରେ ଭୟଭୀତ ହୋଇ ରାଧା ପୁଲିସକୁ ସୂଚନା ଦେଇଥିଲେ। ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ରାମେଶ୍ୱର ସିଂହ ଓ ସ୍ନେକ ହେଲ୍ପ ଲାଇନ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଘର ଭିତରୁ ନାଗସାପ ଉଦ୍ଧାର କରିଛଠନ୍ତି। ଉଦ୍ଧାର ହୋଇଥିବା ଏହି ସାପ ଗତକାଲି ରାଧାଙ୍କ ଝିଅ ସୁହାନୀକୁ କାମୁଡ଼ିଥିବା ଅନୁମାନ କରାଯାଉଛି।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ



**ରାଉରକେଲା, ୧୭ ।୩(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧକ୍ଷା ଡ. ସମ୍ପାଦିକା ମହାନ୍ତି ଅଧକ୍ଷତା କରିଥିବା ବେଳେ ରାଉରକେଲା ଓକିଲ ସଂଘର ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ଉପଭୋକ୍ତାଙ୍କ ଅଧିକାର ସମ୍ପର୍କରେ ବ୍ୟାପକ ଭାବେ ଆଲୋଚନା କରିଥିଲେ। ଉପଭୋକ୍ତା ସଚେତନ ନ ହେଲେ ତାହାର ପରିଣାମ ଓ ସଚେତନ ହେଲେ ତା'ର ଉପକାରିତା ଉପରେ ପ୍ରଧାନ ତାଙ୍କ ବକ୍ତବ୍ୟରେ ଆଲୋକପାତ କରିଥିଲେ। ସେ ଏହି ଅବସରରେ ବିଭିନ୍ନ ଦେଶରେ ଥିବା ଆଇନର ଦୃଷ୍ଟାନ୍ତ ଦେଇ ଆନ୍ତର୍ଜାତିକ ଉପଭୋକ୍ତା ଅଧିକାର ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଉପଭୋକ୍ତା ସଚେତନତା ଉପରେ ନାଟକ ପ୍ରଦର୍ଶିତ ହୋଇଥିଲା। ପରେ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କ ଦ୍ୱାରା ଏକ ସ୍ଲୋଗାନ ଶୋଭାଯାତ୍ରା ନୟାବଜାର ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ।

# ରାଜନୈତିକ ଦଳ ପ୍ରତିନିଧି-ନିର୍ବାଚନ ଅଧିକାରୀଙ୍କ ବୈଠକ



**ରାଉରକେଲା, ୧୭ ।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ହିଂସାମୁକ୍ତ, ସ୍ୱଚ୍ଛ ଓ ସୁଚାରୁରୂପେ ପରିଚାଳନାରେ ସହଯୋଗ କରିବା ପାଇଁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ସମସ୍ତ ରାଜନୈତିକ ଦଳକୁ ଅପିଲ କରିଛନ୍ତି। ରବିବାର ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ପ୍ରଶାସନର ଏକ ବୈଠକ ଅନୁଷ୍ଠିତ ହୋଇଛି। ଶନିବାର ଭାରତ ନିର୍ବାଚନ ଆୟୋଗ ସାଧାରଣ ନିର୍ବାଚନ ତାରିଖ ଘୋଷଣା କରିବା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ଏହି ପରିପ୍ରେକ୍ଷୀରେ ସର୍ବଦଳୀୟ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଅତିରିକ୍ତ ଜିଲ୍ଲାପାଳ କୁଲକର୍ଣ୍ଣି, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଓ ଅତିରିକ୍ତ ଉପଜିଲ୍ଲାପାଳ ସରୋଜ ମିଶ୍ର ଆଲୋଚନା କରିଥିଲେ। ଆଦର୍ଶ ଆଚରଣବିଧି ଲାଗୁ ସମୟରେ ବିଭିନ୍ନ ଦଳର ନେତାମାନେ କ'ଣ କରିବା ଉଚିତ ଏବଂ କେଉଁଟା ଉଚିତ ନୁହେଁ ସେ ବିଷୟରେ ତିନିଟି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ପ୍ରସ୍ତୁତି ବିଷୟରେ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନିର୍ବାଚନ ଅଧିକାରୀମାନେ ସୂଚନା ଦେଇଥିଲେ। ବୈଠକରେ ବୀରମିତ୍ରପୁର ବିଜେପି ବିଧାୟକ ଶଙ୍କର ଓରାମ, ବିଜେପି ସଭାନେତ୍ରୀ ଲତିକା ପଟ୍ଟନାୟକ, ଧୀରେନ ସେନାପତି, ନିହାର ରାୟ, ବିଜେଡି ସଭାପତି ଗଗନ ପଣ୍ଡା, ବିଏସପି ସଭାପତି ରଞ୍ଜନ କୁମାର ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଜେକୁ ବିରୋଧ କରି ସମାଜସେବୀ ଗାଁରୁ ବାସନ୍ଦ

**ରାଉରକେଲା, ୧୭ ।୩(ସମିସ):** ଡିଜେ ସାଉଣ୍ଡକୁ ବିରୋଧ କରି ଗାଁରୁ ବାସନ୍ଦ ହୋଇଛନ୍ତି ସମାଜସେବୀ ଚାନ୍ଦମଣି ସାଣ୍ଡିଲ। ନ୍ୟାୟ ପାଇଁ ସେ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଚାନ୍ଦମଣିଙ୍କ ଅଭିଯୋଗ ଅନୁଯାୟୀ ଗତ ଶିବରାତ୍ରି ଦିନ ଗାଁର କିଛି ଯୁବକ ରାତିତମାମ ବିକଟାଳ ଶବ୍ଦ କରି ଡିଜେ ବଜାଇଥିଲେ। ଏହାକୁ ଚାନ୍ଦମଣି ବିରୋଧ କରିଥିଲେ। ହେଲେ ଗ୍ରାମର ଲୋକମାନେ ଚାନ୍ଦମଣିଙ୍କ କଥା ଶୁଣି ନ ଥିଲେ। ଚାନ୍ଦମଣି ଏ ସଂକ୍ରାନ୍ତରେ ସ୍ଥାନୀୟ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଘଟଣାରେ କ୍ଷୁବ୍ଧ ହୋଇ ଗାଁର ୫ଟି ବସ୍ତିର କିଛି ମୁଖିଆ ଗତ ୧୦ ତାରିଖ ଏକ ଗୁପ୍ତ ବୈଠକ ଡାକି ବୈଠକର ନିଷ୍ପତ୍ତି ମୁତାବକ ଚାନ୍ଦମଣିଙ୍କୁ ଗାଁରୁ ବାସନ୍ଦ କରିଥିଲେ। ବସ୍ତିର କୌଣସି କାର୍ଯ୍ୟକ୍ରମରେ ଚାନ୍ଦମଣିକୁ ସାମିଲ ନ କରିବା, ଯେଉଁ ବ୍ୟକ୍ତି ଚାନ୍ଦମଣିଙ୍କୁ ସହାୟତା କରିବେ କିମ୍ବା ତାଙ୍କ ଦୋକାନରୁ ଜିନିଷ କିଣିବେ ତାଙ୍କୁ ୫ ହଜାର ଜରିମାନା କରିବା ଆଦି ବୈଠକରେ କଠୋର ନିଷ୍ପତ୍ତି ନିଆଯାଇଥିଲା। ବସ୍ତିବାସିନ୍ଦାଙ୍କ ଏଭଳି ନିଷ୍ପତ୍ତି ଯୋଗୁଁ ଚାନ୍ଦମଣି ଓ ତାଙ୍କ ପଡ଼ୋଶୀ ସରୋଜ କାଣ୍ଡୁଲାନାଙ୍କ ପରିବାର ଗାଁରେ ଏକାକୀ ହୋଇଯାଇଥିଲେ। ଚାନ୍ଦମଣିଙ୍କ ସହ ମିଶୁଥିବାରୁ ପଡ଼ୋଶୀ ସରୋଜଙ୍କୁ ୫ ହଜାର ଟଙ୍କା ଦେବାକୁ ଗ୍ରାମବାସୀ ବାଧ କରିଥିଲେ। ଚାନ୍ଦମଣି ଗାଁରୁ ବାସନ୍ଦ ହେବା ପରେ ଚାନ୍ଦିପୋଷ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଥାନା ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେ ନ୍ୟାୟ ପାଇଁ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ଓ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଅଫିସର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ ପାଇଁ ଚାନ୍ଦିପୋଷ ଥାନା ପୁଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

■ କ୍ଷେତ୍ର ପରିଦର୍ଶନ ନ କରି ବସଷ୍ଟାଣ୍ଡ ଓ କୋର୍ଟ ନିର୍ମାଣ ପାଇଁ ଜମି ପ୍ରଦାନ

# ଅଙ୍ଗନବାଡ଼ି ଓ କମ୍ୟୁନିଟି ହଲ୍‌କୁ ରାସ୍ତା ବନ୍ଦ

**ରାଉରକେଲା/କୁଆଁରମୁଣ୍ଡା, ୧୭ ।୩(ସମିସ):** କୁଆଁରମୁଣ୍ଡା ତହସିଲ କର୍ତ୍ତୃପକ୍ଷ କ୍ଷେତ୍ର ପରିଦର୍ଶନ ନ କରି ବସଷ୍ଟାଣ୍ଡ ଓ କୋର୍ଟ ନିର୍ମାଣ ନିମନ୍ତେ ଜମି ପ୍ରଦାନ କରିବାକୁ ତରବରିଆ ଭାବେ ନିଷ୍ପତ୍ତି ନେଇଥିବାରୁ ସେଠାରେ ଥିବା ଏକ ଅଙ୍ଗନବାଡ଼ି କେନ୍ଦ୍ର ଓ କମ୍ୟୁନିଟି ହଲ୍‌କୁ ରାସ୍ତା ବନ୍ଦ ହୋଇଯାଇଛି। ଫଳରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୋଟ ଛୋଟ ଶିଶୁଙ୍କ ଯାତାୟାତରେ ସମସ୍ୟା ଦେଖାଦେଇଛି। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

କୁଆଁରମୁଣ୍ଡା ପଦ୍ମାଳୟା କଲୋନୀ ନିକଟ ଅଙ୍ଗନବାଡ଼ି କେନ୍ଦ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୨୦ ବର୍ଷ ପୂର୍ବେ ସ୍ଥାପନ ହୋଇଥିଲା। ସେତେବେଳେ ଏହି ଅଙ୍ଗନବାଡ଼ି କେନ୍ଦ୍ର କୁଆଁରମୁଣ୍ଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନ୍ତର୍ଗତ କୁଆଁରମୁଣ୍ଡା ମୌଜାର ପ୍ଲଟ୍ ନମ୍ବର ୧୦୨୫ର କିଛି ଅଂଶରେ ନିର୍ମିତ ହୋଇଥିଲା। ଖୋଦ୍ ରାଜସ୍ୱ ବିଭାଗ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଜମି ପ୍ରଦାନ କରିଥିଲେ। କିନ୍ତୁ ଏହି ଅଙ୍ଗନବାଡ଼ି କେନ୍ଦ୍ର ପାଖକୁ ରାସ୍ତା ଦିଆଯାଇ ନ ଥିଲା। ଛୋଟ ପିଲାମାନେ କୁଆଁରମୁଣ୍ଡା-ହାତୀବାରି ପିଡବ୍ଲ୍ୟୁଡି ରାସ୍ତାରୁ ପ୍ଲଟ୍ ନମ୍ବର ୧୦୨୫ ଉପରେ ମାଟି ରାସ୍ତାରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବାଆସିବା କରୁଥିଲେ। ବର୍ଷାଦିନେ ଶିଶୁମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏଠାରେ ସ୍ଥାୟୀ ରାସ୍ତା କରିବାକୁ ଦାବି ହୋଇଆସୁଥିଲା ବେଳେ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଥିଲା। ସୁନ୍ଦରଗଡ଼ ଜିଲ୍ଲାପାଳ ଏଠାକୁ ଗସ୍ତରେ ଆସିଥିବା ବେଳେ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଏହି ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ।



କିନ୍ତୁ ରାଜସ୍ୱ ବିଭାଗ ପକ୍ଷରୁ ୧୦୨୫ ନମ୍ବର ପ୍ଲଟ୍‌କୁ ଭାଗକରି ଗୋଟିଏ ଅଂଶ କୁଆଁରମୁଣ୍ଡାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦିଆଯାଇଛି। ବସଷ୍ଟାଣ୍ଡ ପାଇଁ ପାଚେରି ନିର୍ମାଣ ହେଲେ ଅଙ୍ଗନବାଡ଼ିକୁ ସଂଯୋଗ କରୁଥିବା ରାସ୍ତା ପୂରା ବନ୍ଦ ହୋଇଯିବ। ଫଳରେ ଅଙ୍ଗନବାଡ଼ି କେନ୍ଦ୍ରକୁ ଛାତ୍ରଛାତ୍ରୀ କିପରି ଯିବେ ତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ଅଙ୍ଗନବାଡ଼ିକୁ ସଂଯୋଗ ହୋଇଥିବା ରାସ୍ତାର କିଛି ଅଂଶ ପ୍ଲଟ ନମ୍ବର ୨୦୨୬ରେ ରହିଛି। ତେବେ ଏହି ଜମିକୁ ଏବେ କୁଆଁରମୁଣ୍ଡାରେ କୋର୍ଟ ନିର୍ମାଣ ପାଇଁ ଦିଆଯିବା ପରେ କୋର୍ଟ ପକ୍ଷରୁ ପାଚେରି ତିଆରି ବେଳେ ରାସ୍ତାର କିଛି ଅଂଶ ତାଡ଼ି ଦିଆଯାଇଛି। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ଲୋକେ ଗତ ଫେବୃଆରୀ ୯ ତାରିଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ରାସ୍ତା ବନ୍ଦ ହୋଇଯିବା ନେଇ ଅଙ୍ଗନବାଡ଼ି କର୍ମୀ ମଧ୍ୟ କୁଆଁରମୁଣ୍ଡା ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

କୋର୍ଟ ଓ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ପ୍ରଦାନ ପୂର୍ବରୁ କୁଆଁରମୁଣ୍ଡା ତହସିଲ ପ୍ରଶାସନ ତଥା ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ ନ କରି ଜମି ପ୍ରଦାନ କରିବାରୁ ଏପରି ସମସ୍ୟା ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏହାର ପ୍ରତିବାଦ କରି ଗତ ଜାନୁଆରୀ ୨୬ ତାରିଖ କୁଆଁରମୁଣ୍ଡା ପଞ୍ଚାୟତରେ ଅନୁଷ୍ଠିତ ଗ୍ରାମସଭାରେ ଅଙ୍ଗନବାଡ଼ିକୁ ରାସ୍ତା ଛାଡ଼ି ଅନ୍ୟ ବିଭାଗକୁ ଜମି ଦେବାକୁ ଦାବି କରାଯାଇଛି। ସେହିପରି ଅଙ୍ଗନବାଡ଼ି କେନ୍ଦ୍ରକୁ ଲାଗି କୁରାଳ ସମାଜର କମ୍ୟୁନିଟି ହଲ୍ ରହିଛି। ଏହି କେନ୍ଦ୍ର ନିକଟକୁ ମଧ୍ୟ ରାସ୍ତା ବନ୍ଦ ହୋଇଯିବ। ତେଣୁ ସମାଜ ପକ୍ଷରୁ ମଧ୍ୟ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଏ ସମ୍ପର୍କରେ ତହସିଲଦାରଙ୍କୁ ପଞ୍ଚାୟତ ପକ୍ଷରୁ ଅବଗତ କରାଯାଇଥିଲେ ମଧ୍ୟ ଏଥିପ୍ରତି ତହସିଲ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହାର ପ୍ରତିକାର ନ ହେଲେ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଅଭିଶପ୍ତ ଜୀବନ ଜିଉଁଛନ୍ତି ୩ ଭେଣ୍ଡିଆ ପୁଅ

## ସହାୟତା ହାତ ବଢ଼ାଇବାକୁ ସରକାରଙ୍କୁ ଗୁହାରି



**ଲହୁଣୀପଡ଼ା, ୧୭ ।୩(ସମିସ):** ଗରିବ ଆଦିବାସୀ ନିଃସହାୟ ପରିବାର ଯାହାର ତିନି ତିନିଟି ଭେଣ୍ଡିଆ ପୁଅ କୌଣସି ଅଜଣା ରୋଗରେ ଆକ୍ରାନ୍ତ ହୋଇ ଚାଲି ନ ପାରି ଘରେ ପଡ଼ିରହିବା ଘଟଣା କେତେ ଯେ ଯନ୍ତ୍ରଣାଦାୟକ ତାହା ଯେଉଁ ମାଆବାପାଙ୍କ ଉପରେ ଏ ଦୁଃଖ ପଡ଼ିଛି କେବଳ ସେ ହିଁ ଅନୁଭବ କରିପାରିବ। ଯେଉଁ ବୟସରେ ମାଆବାପାଙ୍କୁ ସାହାଯ୍ୟ ସହଯୋଗ କରିବା କଥା ସେହି ବୟସରେ ପୁଅମାନେ ବାପାମାଆଙ୍କ ଉପରେ ବୋଝ ହୋଇ ରହିଛନ୍ତି। ସାଧାରଣତଃ ସମସ୍ତ ପରିବାରରେ ପିଲା ଯେତେବେଳେ ବଡ଼ ହୋଇଯାଏ ସେତେବେଳେ ସବୁ ମାଆବାପା ଚିନ୍ତା କରିଥାନ୍ତି ଯେ ସେମାନଙ୍କ ପରିଣତ ବୟସରେ ପିଲାମାନେ ସେମାନଙ୍କ ସାହାରା ହେବେ। ମାତ୍ର ଏହି ପରିବାରରେ ତାହାର ବ୍ୟତିକ୍ରମ ଦେଖାଯାଇଛି। ମାଆବାପାଙ୍କ ବୋଝ ହୋଇ ଯାଇଛନ୍ତି ତିନି ଭେଣ୍ଡିଆ। ଏହି ଖବର ପାଇ ଲହୁଣୀପଡ଼ା ବ୍ଲକ ଅଞ୍ଚଳର ସାମ୍ବାଦିକମାନେ ଖବର ସଂଗ୍ରହ କରିବା ପାଇଁ ଯାଇ ସହଯୋଗର ହାତ ବଢ଼ାଇ ମାନବିକତାର ପରିଚୟ ଦେଇଛନ୍ତି। ଶକ୍ତି ଅନୁସାରେ ପରିବାରକୁ ଗୋଟିଏ ମାସର ରାସନ, ବସ୍ତ୍ର ଏବଂ କିଛି ଟଙ୍କା ସହାୟତା କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଭୋଗରା ଗ୍ରାମର ଭଜମନ କିଷାନ, ପତ୍ନୀ ଗାୟତ୍ରୀ କିଷାନ ଓ ୩ ପୁଅଙ୍କୁ ନେଇ ପାଞ୍ଚ ପ୍ରାଣୀ କୁଟୁମ୍ବ। ବଡ଼ପୁଅ ଅନୁତାପ କିଷାନ (୨୧), ମଝିଆ ପୁଅ ରଞ୍ଜିତ କିଷାନ (୧୯) ଓ ସାନପୁଅ ବିକାଶ କିଷାନ (୧୭)। ତିନି ପୁଅଙ୍କୁ ନେଇ ଭଜମନ ଓ ଗାୟତ୍ରୀଙ୍କ ମନରେ ଅନେକ ସ୍ୱପ୍ନ। ୩ ପିଲା ଉଚ୍ଚଶିକ୍ଷିତ ହେବେ ଏବଂ ବୃଦ୍ଧାବସ୍ଥାରେ ସେମାନଙ୍କ ସେବା କରିବେ। ମାତ୍ର ବିଧିର ବିଧାନ କିଛି ଅଲଗା ଥିଲା। ତିନି ପୁଅ ଛୋଟ ସମୟରେ ଠିକଠାକ୍ ଥିଲେ। ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ମଧ୍ୟ ଯାଉଥିଲେ। ଯେତେବେଳେ ପିଲାମାନେ ଯୁବାବସ୍ଥାକୁ ଆସିଲେ, ସେତେବେଳେ କୌଣସି ଅଜଣା ରୋଗର ଶିକାର ହୋଇ ଆଉ ଚଲାବୁଲା କରିପାରିଲେ ନାହିଁ। ପିଲାମାନଙ୍କ ବୟସ ଯେତିକି ବଢୁଥିଲା ସେମାନେ ସେତିକି ଶାରୀରିକ ଦୁର୍ବଳ ହେଉଥିଲେ। ଜଣେ ପରେ ଜଣେ ପିଲା ଚାଲିବା ପାଇଁ ଅକ୍ଷମ ହୋଇଯାଇଥିଲେ। ତିନି ଭେଣ୍ଡିଆ ପିଲା ଚାଲିବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡୁଥିବା ଦେଖି ମାଆବାପା ଭାଙ୍ଗି ପଡ଼ିଥିଲେ। ସେମାନଙ୍କୁ ବୁଦ୍ଧିବାଟ ଦିଶୁ ନ ଥିଲା। ଭଜମନ ଜଣେ ଦିନ ମଜୁରିଆ। କ'ଣ କରିବେ ତାଙ୍କୁ କିଛି ବୁଦ୍ଧିବାଟ ଦେଖାଯାଉ ନ ଥିଲା।

ତଥାପି ମନୋବଳ ଦୃଢ଼ କରି ରାଉରକେଲା ସରକାରୀ ଚିକିତ୍ସାଳୟକୁ ନେଇଥିଲେ। ଜମିବାଡ଼ି ଓ ଛେଳି ବିକ୍ରି କରି ତିନି ପିଲାଙ୍କ ଚିକିତ୍ସା କରିଥିଲେ। ପରବର୍ତ୍ତୀ ସମୟରେ ବିଜୁ ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ସାନପୁଅର ଅସ୍ତ୍ରୋପଚାର କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରି ସ୍ଥଳେ ଜଣେ ଗରିବ ପରିବାରର ପାହାଡ଼ ଭଳି ଦୁଃଖ କିଭଳି ଦୂରହେବ ଏବଂ ଭେଣ୍ଡିଆ ପୁଅମାନେ କିଭଳି ସୁସ୍ଥ ହୋଇପାରିବେ ସେହି ଚିନ୍ତାରେ ପରିବାର ପୂରା ଭାଙ୍ଗି ପଡ଼ିଛି। ସରକାର ଉକ୍ତ ପରିବାର ପ୍ରତି ସହୃଦୟ ହୋଇ ତିନି ପିଲାଙ୍କ ଚିକିତ୍ସା କରିବାରେ ସହାୟକ ହେବାକୁ ଭଜମନ ଓ ଗାୟତ୍ରୀ ଦୁଃଖଭରା କଣ୍ଠରେ ଗୁହାରି କରିଛନ୍ତି।

# ଲୁହାପଥର ଚୋରାଚାଲାଣ ଉଦ୍ୟମ ପଣ୍ଡ

■ ବନ ବିଭାଗ ଦ୍ୱାରା ଟ୍ରକ୍ ଜବତ



**ବଣାଇଁ, ୧୭ ।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ କୋଇଡ଼ା ଖଣି ଅଞ୍ଚଳରେ ଲିଜ୍ ଅବଧି ସରିବା ପରେ ବନ୍ଦ ପଡ଼ିଥିବା ଲୁହାପଥର ଓ ମାଙ୍ଗାନିଜ ଖଣି ଉପରେ ଚୋରଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ପୁଲିସ ଓ ଖଣି ବିଭାଗର ନିଷ୍କ୍ରିୟତା ଯୋଗୁଁ ଅନେକ ସମୟରେ ଲୁହାପଥର ମାଫିଆ ସକ୍ରିୟ ହୋଇ ଚୋରାଚାଲାଣ କରୁଛନ୍ତି। କୋଇଡ଼ାର ବିଭିନ୍ନ ପାହାଡ଼ିଆ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କୁ ହାତବାରିଶି କରି ଆର୍ଥିକ ପ୍ରଲୋଭନ ଦେଖାଇ ପୁଲିସ ଓ ବନ ବିଭାଗକୁ ଚକମା ଦେଇ ରାତିଅଧରେ ଚୋରାଚାଲାଣ କରୁଛନ୍ତି। ଗଣୁଆ ସଂରକ୍ଷିତ ଜଙ୍ଗଲ ଭିତରେ ବନ୍ଦ ପଡ଼ିଥିବା ଲୁହାପଥର ଖଣିରୁ ଲୁହାପଥର ଚୋରା ଚାଲାଣ ହେଉଥିବା କୌଣସି ସୂତ୍ରରୁ ସୂଚନା ପାଇ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କୋଇଡ଼ା ରେଞ୍ଜ ଅଧିକାରୀ ଗୌତମ ପ୍ରଧାନଙ୍କ ନେତୃତ୍ୱରେ ବନପାଳ ରାଜେନ୍ଦ୍ର ମାହାନ୍ତ, ବନରକ୍ଷୀ ଓ ସ୍କ୍ୱାଡ୍ କର୍ମଚାରୀ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଥିଲେ। ବନ କର୍ମଚାରୀଙ୍କୁ ଦେଖି ଟ୍ରକ୍ ଛାଡ଼ି ଚୋରମାନେ ଜଙ୍ଗଲକୁ ଖସି ପଳାଇଥିଲେ। ଘଟଣାସ୍ଥଳରେ ଚୋରି ପାଇଁ ରହିଥିବା ୧୪ ଚକିଆ ଟ୍ରକ୍‌କୁ ଜବତ କରି ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିବା ବେଳେ ଜଙ୍ଗଲ ସଂରକ୍ଷଣ ଆଇନ ଅନୁସାରେ ରେଞ୍ଜ ଅଧିକାରୀ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ସେହିପରି ଶନିବାର ମଧ୍ୟ ସମ୍ପୃକ୍ତ ଅଞ୍ଚଳରୁ ଏକ ୧୨ ଚକିଆ ଟ୍ରକ୍‌କୁ ବନ ବିଭାଗ ଜବତ କରିଥିବା ବେଳେ ଏବେ ଚୋରା ଲୁହାପଥର ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



୰ ଲାଲବାହାଦୂର ସାହୁ
(ପୂର୍ବତନ ନଗରପାଳ, କୋଣାର୍କ ଏନଏସି )
ଆବିର୍ଭାବ:- ୧୧.୦୧.୧୯୬୬
ତିରୋଧାନ:- ୧୮.୦୩.୨୦୨୦
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ,ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ

## ସୁନ୍ଦରଗଡ଼ ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

# ମତଦାନ କରିବେ ୧୫,୬୭,୦୬୫ ଭୋଟର

**ରାଉରକେଲା/ସୁନ୍ଦରଗଡ଼, ୧୭ ।୩(ସମିସ)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସୁନ୍ଦରଗଡ଼ ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହୋଇଛି । ଏହି ପରିପ୍ରେକ୍ଷୀରେ ରବିବାର ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଡା ପରାଗ ଗଭାଲି ଜିଲ୍ଲା ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଛନ୍ତି । ନିର୍ବାଚନ ପରିପ୍ରେକ୍ଷୀରେ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିବା ସହ ଅନୈତିକ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଇତିମଧ୍ୟରେ ଜିଲ୍ଲାରେ ପ୍ରାୟ ୧୨, ୦୦୦ ପୋଲିଂ ଅଧିକାରୀଙ୍କ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇସାରିଛି । ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲାପାଳ ରିଟର୍ଣ୍ଣିଂ ଅଧିକାରୀ ଥିବାବେଳେ ତଳସରା ବିଧାନସଭା କ୍ଷେତ୍ର ନିମନ୍ତେ ସୁନ୍ଦରଗଡ଼ ଉପଜିଲ୍ଲାପାଳ, ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ବୀରମିତ୍ରପୁର ନିମନ୍ତେ ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ, ରଘୁନାଥପାଲି ନିମନ୍ତେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ନିମନ୍ତେ ପାନପୋଷ ଉପଜିଲ୍ଲାପାଳ, ରାଜଗାଙ୍ଗପୁର ନିମନ୍ତେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଏବଂ ବଣାଇଁ ବିଧାନସଭା କ୍ଷେତ୍ର ନିମନ୍ତେ ବଣାଇଁ ଉପଜିଲ୍ଲାପାଳ ରିଟର୍ଣ୍ଣିଂ ଅଧିକାରୀ ରହିଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂଚନା ଦେଇ କହିଲେ, ଜିଲ୍ଲାର ୭ ନିର୍ବାଚନମଣ୍ଡଳୀର ୧୮୪୭ ବୁଥରେ ମୋଟ ୧୫ ଲକ୍ଷ ୬୭ ହଜାର ୬୫ ମତଦାତା ମତଦାନ କରିବେ । ସେମାନଙ୍କ ମଧ୍ୟରେ ୭ ଲକ୍ଷ ୭୩ ହଜାର ୫୭୧ ପୁରୁଷ, ୭ ଲକ୍ଷ ୯୩ ହଜାର ୩୨୭ ମହିଳା ମତଦାତା ରହିଛନ୍ତି । ଏତଦବ୍ୟତୀତ ଭିନ୍ନକ୍ଷମ ମତଦାତାଙ୍କ ସଂଖ୍ୟା ୨୧ ହଜାର ୪୨ ହୋଇଥିବା ବେଳେ ୮୫ ବର୍ଷରୁ ଅଧିକ ବୟସ୍କ ମତଦାତା ୯, ୪୨୨ ଜଣ, ତୃତୀୟ ଲିଙ୍ଗୀ ୧୬୭ ଜଣ, ୧୮ରୁ ୧୯ ବର୍ଷ ମଧ୍ୟରେ ଯୁବ ମତଦାତା ୩୭, ୬୧୭ ଜଣ, ୨୦ରୁ ୨୯ ବର୍ଷ ମଧ୍ୟରେ ୩, ୨୭, ୬୩୨ ଜଣ ଯୁବ ମତଦାତା ରହିଛନ୍ତି ।

ଜିଲ୍ଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ୧୩୭୧ ସ୍ଥାନରେ ୧୮୪୭ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ହେବ । ତନ୍ମଧ୍ୟରୁ ସହରାଞ୍ଚଳରେ ୧୬୭ ସ୍ଥାନରେ ୪୨୮ ବୁଥ୍ ଓ ଗ୍ରାମାଞ୍ଚଳରେ ୧୨୦୪ ସ୍ଥାନରେ ୧୪୧୯ ମତଦାନ କେନ୍ଦ୍ର ହେବ । ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରେ ୧୯୭, ସୁନ୍ଦରଗଡ଼ରେ ୨୯୬, ତଳସରାରେ ୨୭୭, ବୀରମିତ୍ରପୁରରେ ୩୦୧, ରଘୁନାଥପାଲ୍ଲୀରେ ୧୯୩, ବଣାଇଁରେ ୩୦୯, ରାଜଗାଙ୍ଗପୁରରେ ୨୧୪ ମତଦାନ କେନ୍ଦ୍ର ହେବ । ପଞ୍ଚମ ପର୍ଯ୍ୟାୟ ପାଇଁ ଗେଜେଟ୍ ବିଜ୍ଞପ୍ତି ଏପ୍ରିଲ ୨୬ରେ ପ୍ରକାଶ ପାଇବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ମେ’ ୩ ରଖାଯାଇଛି । ମେ ୪ରେ ପ୍ରାର୍ଥିପତ୍ର ଯାଞ୍ଚ, ୬ ସୁଦ୍ଧା ପ୍ରତ୍ୟାହାର ହେବାକୁ ସ୍ଥିର ହୋଇଛି । ମେ ୨୦ରେ ମତଦାନ ଏବଂ ଜୁନ ୪ରେ ଭୋଟ ଗଣତି ହେବ ।



**● ୭ ନିର୍ବାଚନମଣ୍ଡଳୀରେ ୧୮୪୭ ବୁଥ୍**

ରାଉରକେଲା, ରଘୁନାଥପାଲ୍ଲୀ ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଷ୍ଟ୍ରଙ୍ଗ ରୁମ୍, ପୋଲିଂ ଅଫିସରଙ୍କ ଡିସପର୍ସାଲ ଏବଂ ଭୋଟ ଗଣତି କେନ୍ଦ୍ର କରାଯାଇଛି । ରାଜଗାଙ୍ଗପୁର ପାଇଁ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ, ବଣାଇଁ ପାଇଁ ବଣାଇଁ ଆରଡିଡି ହାଇସ୍କୁଲ, ସୁନ୍ଦରଗଡ଼ ଓ ତଳସରା ପାଇଁ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ ଷ୍ଟ୍ରଙ୍ଗ ରୁମ୍, ପୋଲିଂ ଅଫିସରଙ୍କ ଡିସପର୍ସାଲ ଏବଂ ନିର୍ବାଚନ ଗଣତି କେନ୍ଦ୍ର କରାଯାଇଛି । ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ସୂଚନା ମୁତାବକ ପାନପୋଷ ଉପଖଣ୍ଡ ଅନ୍ତର୍ଗତ ବୀରମିତ୍ରପୁର, ରଘୁନାଥପଲ୍ଲି ଓ ରାଉରକେଲା ନିର୍ବାଚନ ମଣ୍ଡଳୀର ୨୦୧୯ ଭୋଟର ତାଲିକା ଅନୁଯାୟୀ ୬୦୭୩୪୧ ଭୋଟର ଥିଲା ବେଳେ ୨୦୨୪ ମାର୍ଚ୍ଚ ୧୬ ସୁଦ୍ଧା ସମୁଦାୟ ୬, ୩୭, ୩୩୩ ଭୋଟର ତାଲିକାଭୁକ୍ତ ହୋଇଛନ୍ତି । ୨୦୧୯ ତୁଳନାରେ ୨୦୨୪ରେ ଭୋଟର ସଂଖ୍ୟା ୨୯, ୯୯୨ ବୃଦ୍ଧି ପାଇଛି । ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୯ରେ ସମୁଦାୟ ୨, ୩୧, ୬୩୭ ଭୋଟର ତାଲିକାଭୁକ୍ତ ହୋଇଥିବା ବେଳେ ୨୦୨୪ ଚୂଡ଼ାନ୍ତ ତାଲିକାରେ ସମୁଦାୟ ୨, ୪୩, ୧୦୭ ଭୋଟର ଅଛନ୍ତି । ରଘୁନାଥପଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୯ରେ ୧, ୭୪, ୮୧୭ ଭୋଟର ଥିବା ବେଳେ ୨୦୨୪ ତାଲିକାରେ ୧, ୮୧, ୩୬୭ ଭୋଟର ଅଛନ୍ତି । ଅର୍ଥାତ୍ ୬୫୫୦ ଭୋଟର ବୃଦ୍ଧି ପାଇଛନ୍ତି ।

ସେହିପରି ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୧୯ରେ ୨, ୦୦, ୮୮୭ ଭୋଟର ତାଲିକାଭୁକ୍ତ ହୋଇଥିବା ବେଳେ ସଂଶୋଧିତ ତାଲିକାରେ ୨, ୧୨, ୮୫୯ ଭୋଟର ଅଛନ୍ତି । ଅର୍ଥାତ୍ ୧୧, ୯୭୨ ଭୋଟର ବୃଦ୍ଧି ପାଇଛନ୍ତି । ସେହିପରି ତିନିଟି ନିର୍ବାଚନ ମଣ୍ଡଳୀରେ ଯୁବ ମତଦାତାଙ୍କ ସଂଖ୍ୟା ସମୁଦାୟ ୧୩, ୮୩୭ ହୋଇଛି । ତନ୍ମଧ୍ୟରେ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୬୨୮୯, ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀରେ ୩୫୧୭ ଏବଂ ରାଉରକେଲା ନିର୍ବାଚନ ମଣ୍ଡଳୀରେ ୪୦୩୧ ଯୁବ ଭୋଟର ରହିଛନ୍ତି । ଏତଦବ୍ୟତୀତ ତିନିଟି ନିର୍ବାଚନ ମଣ୍ଡଳୀରେ ଭିନ୍ନକ୍ଷମ ମତଦାତାଙ୍କ ସଂଖ୍ୟା ସମୁଦାୟ ୬୪୨୪ ହୋଇଛି । ତନ୍ମଧ୍ୟରେ ବୀରମିତ୍ରପୁରରେ ୩୨୧୪, ରଘୁନାଥପାଲୀରେ ୧୪୧୬ ଏବଂ ରାଉରକେଲାରେ ୧୭୯୪ ଜଣ ଭିନ୍ନକ୍ଷମ ଭୋଟର ରହିଛନ୍ତି । ତିନିଟି ନିର୍ବାଚନ ମଣ୍ଡଳୀରେ ବରିଷ୍ଠ ନାଗରିକ ମତଦାତାଙ୍କ ସଂଖ୍ୟା ସମୁଦାୟ ୩୮୭୯ ହୋଇଛି । ତନ୍ମଧ୍ୟରେ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୧୩୮୯, ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀରେ ୮୪୪ ଏବଂ ରାଉରକେଲା ନିର୍ବାଚନ ମଣ୍ଡଳୀରେ ୧୬୪୬ ବରିଷ୍ଠ ନାଗରିକ ମତଦାତା ରହିଛନ୍ତି । ଜିଲ୍ଲାରେ ଗଠିତ ୨୨ଟି ଫ୍ଲାଇଂ ସ୍କ୍ୱାଡ୍ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଜନିତ ଅଭିଯୋଗଗୁଡ଼ିକ ତଦାରଖ କରିବେ । ସି-ଭିଜିଲ ଆପ ଦ୍ୱାରା ମଧ୍ୟ ଏହି ଅଭିଯୋଗଗୁଡ଼ିକ ପ୍ରତି ଦୃଷ୍ଟି ଦିଆଯିବ । ଜିଲ୍ଲା ଯୋଗାଯୋଗ କେନ୍ଦ୍ର ମଧ୍ୟ କାର୍ଯ୍ୟକାରୀ ହୋଇଛି । ଏହାର ଟୋଲ ଫ୍ରି ନମ୍ବର ୧୯୫୦ ମାଧ୍ୟମରେ ମଧ୍ୟ ନିର୍ବାଚନ ସମ୍ବନ୍ଧିତ ଅଭିଯୋଗ ଦାଖଲ ହୋଇପାରିବ । ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଶିକ୍ଷାନବିସ ଆଇଏଏସ ଅଧିକାରୀ ପ୍ରହ୍ଲାଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଷେ ହେଲା ଗୋଷ୍ଠୀ ଶୌଚାଳୟ ପାଣି ପମ୍ପ ଅଚଳ



**● ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ**
**● ସ୍ନାନ ଓ ଶୌଚ ପାଇଁ ଅଞ୍ଚଳବାସୀ ହନ୍ତସନ୍ତ**

**ରାଜଗାଙ୍ଗପୁର,୧୭ ।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର କୁଣ୍ଡୁପଡ଼ା ୱାର୍ଡ ନମ୍ବର ୭ରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଶୌଚାଳୟର ପାଣି ପମ୍ପ ଗତ ଏକ ବର୍ଷ ହେବ ଖରାପ ଯୋଗୁଁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାର ପ୍ରତିଦିନ ସକାଳୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସାଧାରଣଙ୍କୁ ବାହାରେ ମଳତ୍ୟାଗ ନ କରିବା ପାଇଁ ସଚେତନ କରୁଛନ୍ତି । ହେଲେ ବାରମ୍ବାର ଅଭିଯୋଗ କଲେ ମଧ ରାଜଗାଙ୍ଗପୁର ପୌରପାଳିକା ସରକାରଙ୍କ ନୀତିନିୟମକୁ ଅଣଦେଖା କରିଚାଲିଛି । ଶୌଚାଳୟରେ ଥିବା ପାଣି ପମ୍ପ ସଜାଡ଼ିବାକୁ କୌଣସି ପଦକ୍ଷେପ ନେଉନାହିଁ । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ବଢୁଥିବାରୁ କୂଅ, ନଳକୂପ ପାଣି ତଳକୁ ଖସିବାକୁ ଲାଗିଛି । ମୋ ପୋଖରୀ ଯୋଜନାରେ ବର୍ତ୍ତମାନ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଚାଲୁଥିବା ବେଳେ ପ୍ରଥମତଃ ପୋଖରୀରେ ପାଣି ନାହିଁ । ଦ୍ୱିତୀୟରେ ଶୌଚାଳୟର ମୋଟର ଚାଲୁ ନ ଥିବାରୁ ଅଞ୍ଚଳବାସୀ ଶୌଚ ଓ ସ୍ନାନ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହାର ମରାମତି କରା ନ ଗଲେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ନକଲି ମଦ ଚାଲାଣ ବେଳେ ଧରିଲା ଅବକାରୀ ବିଭାଗ



**● ମାଷ୍ଟରମାଇଣ୍ଡ ସମେତ ୩ ଗିରଫ**
**● ମାଲଗୋଦାମରେ ହେଉଥିଲା ବଟଲିଂ**

**ରାଉରକେଲା, ୧୭ ।୩(ସମିସ):** ସହରରେ ଦିନକୁ ଦିନ ନକଲି ମଦ କାରବାର ବୃଦ୍ଧି ପାଉଥିବା ବେଳେ ଶନିବାର ପୁଣି ନକଲି ମଦ କାରବାର ଉପରେ ଚଢ଼ଉ କରିଛି ଅବକାରୀ ବିଭାଗ । ଏଥିରେ ଜଡ଼ିତ ଥିବା ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ବସ୍ତିର ମାଷ୍ଟରମାଇଣ୍ଡ ରାଜୁ ସାହୁ (୩୮), ସହଯୋଗୀ ଓମ୍ ବାଘ (୪୭) ଓ ବସନ୍ତ ସାହୁ (୨୦) ଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି । ଏମାନଙ୍କଠାରୁ ନାଇଟ ଗର୍ଲ ନାମକ ୭୫୦ ମିଲିର ୯୬ଟି ମଦ ବୋତଲ, ୧୩୭ଟି କର୍କ, ୨୧୦ଟି ଇଅଲ, ୬୦ଟି ଖାଲି ମଦ ବୋତଲ, ୩ଟି ମୋବାଇଲ, ଗୋଟିଏ ଅଟୋ ଓ ବାଇକ ଜବତ କରାଯାଇଛି ।

ଏନେଇ ସାମ୍ବାଦିକ ସମ୍ମିଳନୀରେ ବିଭାଗର ଡିଏସଇ ଅର୍ଚ୍ଚନା ବାରିକ କହିଛନ୍ତି ଯେ ଶନିବାର ସନ୍ଧ୍ୟାରେ ସେକ୍ଟର-୨ ଅଞ୍ଚଳରେ ନକଲି ମଦ ଚାଲାଣ ହେଉଥିବା ସୂଚନା ମିଳିଥିଲା । ଏହି ଆଧାରରେ ମୋବାଇଲ ଟିମ୍ ସେଠାରେ ଚଢ଼ଉ କରିଥିଲା । ଅଟୋ ଯୋଗେ ମଦ ନେଇ ଯାଉଥିବା ବେଳେ ଟିମ୍ ଧରିବାରେ ସକ୍ଷମ ହୋଇଥିଲା । ଅଟୋ ଚାଳକ ଓମ୍ ଓ ହେଲ୍ପର ବସନ୍ତଙ୍କୁ ପଚରାଉଚରା କରିବା ପରେ ମାଷ୍ଟରମାଇଣ୍ଡ ରାଜୁକୁ ଗିରଫ କରାଯାଇଥିଲା । ମାଲଗୋଦାମ ବସ୍ତିର ବଡ଼ ବରଗଛ ନିକଟରେ ରାଜୁ ନିଜ ଘରେ ବଟଲିଂ କରୁଥିଲା । ଓମ୍ ଓ ବସନ୍ତ ସହରର ବିଭିନ୍ନ ଢାବାକୁ ଏହି ନକଲି ମଦ ଚାଲାଣ କରୁଥିଲେ । ରାଜୁ ବାହାର ରାଜ୍ୟରୁ ମଦ ଆଣି ଓଡ଼ିଶାର ବିଭିନ୍ନ ବ୍ରାଣ୍ଡର ମଦ ବୋତଲରେ ପୁରାଇ ବିକ୍ରି କରୁଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି । ଜବତ ହୋଇଥିବା ମଦର ମୂଲ୍ୟ ୩୬ ହଜାର ଟଙ୍କା ହୋଇଥିବା ବେଳେ ଜବତ ସମସ୍ତ ସାମଗ୍ରୀର ମୂଲ୍ୟ ୨ ଲକ୍ଷ ୪୭ ହଜାର ୫୧୬ ଟଙ୍କା ହେବ । ସାମ୍ବାଦିକ ସମ୍ମିଳନୀରେ ଇନ୍ସପେକ୍ଟର ମୋହନ ପ୍ରଧାନ, ମୋବାଇଲ ଟିମ ଇନ୍ସପେକ୍ଟର ଥାପା ମାର୍ଣ୍ଡି ଓ ଏସଆଇ ଅଜୟ ପ୍ରଧାନ ଉପସ୍ଥିତ ଥିଲେ ।

# ଅକ୍ସିଜେନ ପ୍ଲାଣ୍ଟ ବିଭାଗରେ ନବୀକୃତ ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ ସିଷ୍ଟମ୍ ଉଦ୍‌ଘାଟିତ

**ରାଉରକେଲା, ୧୭ ।୩(ସମିସ):** ଇନଷ୍ଟ୍ରୁମେଣ୍ଟେସନ୍ ବିଭାଗ ଦ୍ୱାରା ପରିଚାଳିତ ୟୋକୋଗାୱା ମେକ୍ ଷ୍ଟେଟ୍ ଅଫ ଆର୍ଟ କଣ୍ଟ୍ରୋଲ୍ ସିଷ୍ଟମ୍ ରାଉରକେଲା ଇସ୍ପାତ କାରଖାନାର ଅକ୍ସିଜେନ ପ୍ଲାଣ୍ଟ କମ୍ପ୍ଲେକ୍ସରେ କାର୍ଯ୍ୟ ବିଭାଗ ଇଡି ଏସଆର ସୂର୍ଯ୍ୟବଂଶୀଙ୍କ ଦ୍ୱାରା ଉଦଘାଟିତ ହୋଇଛି । ଏହି ଅବସରରେ ଇଲେକ୍ଟ୍ରିକାଲ୍ ଏବଂ ପାୱାର ବିଭାଗ ସିଜିଏମ ଇନ-ଚାର୍ଜ ବି.ଏସ କାର୍ଥା, ଇଏମଡି ଏବଂ ୟୁଟିଲିଟି ବିଭାଗ ସିଜିଏମ ପିଏସ୍ କନ୍ନନ୍, ଏସଏମଏସ-୨ ବିଭାଗ ସିଜିଏମ ଟିପି ଶିବଶଙ୍କର, ଆଇ ଆଣ୍ଡ ଏ ବିଭାଗ ଜିଏମ ଇନ-ଚାର୍ଜ ଏସ୍‌ସି ପାତ୍ର, ଅକ୍ସିଜେନ ପ୍ଲାଣ୍ଟ ଜିଏମ ଇନ-ଚାର୍ଜ ଆରକେ ସାହା, ସୁରକ୍ଷା ବିଭାଗ ଜିଏମ୍ ଇନ୍-ଚାର୍ଜ ଆଶା କାର୍ତ୍ତା, ଇନଷ୍ଟ୍ରୁମେଣ୍ଟେସନ୍ ବିଭାଗ ଜିଏମ୍ ଇନ୍-ଚାର୍ଜ ଚୈତାଲି ଦାସ ଏବଂ ଆରଏସପିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏସ୍‌ସି ପାତ୍ର ଡିସିଏସ ନବୀକରଣର ଆବଶ୍ୟକତା ଏବଂ ନୂତନ ସିଷ୍ଟମ୍ ସହିତ ଉପଲବ୍ଧ ଅତିରିକ୍ତ ବୈଶିଷ୍ଟ୍ୟ ସହ ସମୁଦାୟ ସିଷ୍ଟମ୍‌ର କାର୍ଯ୍ୟକାରିତା ଉପରେ ଉପସ୍ଥାପନା କରିଥିଲେ ।



ପୁରାତନ ଡିସିଏସ୍ ସିଷ୍ଟମଗୁଡ଼ିକ ଅକ୍ସିଜେନ ପ୍ଲାଣ୍ଟର ବିଭିନ୍ନ ୟୁନିଟରେ ସ୍ଥାପନା କରଯାଇଥିଲା, ଯାହା କାରଖାନାର ମୁଖ୍ୟ ଉପକରଣ ସହିତ ସଂଯୋଗ କରଯାଇଥିଲା । ଏହି ଡିସିଏସ୍ ସିଷ୍ଟମ୍‌ଗୁଡ଼ିକ ସମ୍ପୃକ୍ତ ୟୁନିଟ୍‌ଗୁଡ଼ିକରେ ସମ୍ପୂର୍ଣ୍ଣ ସ୍ୱୟଞ୍ଚାଳିତ ସିଷ୍ଟମ୍ କରାଯିବା ପାଇଁ ଦାୟୀ ଥିଲା ଯେଉଁଥିରେ ପ୍ରକ୍ରିୟା ପାରାମିଟରଗୁଡ଼ିକର ମନିଟରିଂ ଏବଂ ନିୟନ୍ତ୍ରଣ, ଇଣ୍ଟରଲକ୍ ଏବଂ ସୁରକ୍ଷା ଆଦି ଅନ୍ତର୍ଭୁକ୍ତ ଅଟେ । ୟୁନିଟ୍ ଆରମ୍ଭରୁ ଏହି ସିଷ୍ଟମ୍‌ଗୁଡ଼ିକ ନିରନ୍ତର କାର୍ଯ୍ୟ କରୁଥିଲା । ଏହି ସିଷ୍ଟମ୍‌ଗୁଡ଼ିକ ପୁରୁଣା ହେତୁ ବିଦ୍ୟମାନ ସିଷ୍ଟମକୁ ବଦଳାଇବା ଏକ ଯାନ୍ତ୍ରିକ ଆବଶ୍ୟକତା ରହିଥିଲା ।

ଅପଗ୍ରେଡ୍ ସିଷ୍ଟମରେ ଡିସିଏସ୍‌ର ସର୍ବଶ୍ରେଷ୍ଠ ଅଗ୍ରୀମ ବୈଶିଷ୍ଟ୍ୟ ସହ ଷ୍ଟେଟ୍ ଅଫ ଆର୍ଟ ଟେକ୍ନୋଲୋଜିର ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ ଜଡ଼ିତ ଅଛି । ପୂର୍ବରୁ, ଏଏସଇଉ-୧ ଏବଂ ୨ର ତଥ୍ୟକୁ ଏଏସଇଉ-୩କୁ ପ୍ରବେଶ କରିବା ପାଇଁ ସମ୍ଭବ ହେଉ ନ ଥିଲା । ବର୍ତ୍ତମାନ ସମସ୍ତ ଡିସିଏସ୍‌ର ଏକୀକରଣ ଯୋଗୁଁ ଯେକୌଣସି ୟୁନିଟ୍ ଉଭୟ ନିୟନ୍ତ୍ରଣ କକ୍ଷରୁ ଯେକୌଣସି କାର୍ଯ୍ୟ ଷ୍ଟେସନରୁ ପରିଚାଳିତ ଏବଂ ତଦାରଖ କରାଯାଇ ପାରିବ । ଏହି ନବୀକରଣ ସହିତ ଅକ୍ସିଜେନ ପ୍ଲାଣ୍ଟ ବର୍ତ୍ତମାନ ଏକ ଇଣ୍ଟିଗ୍ରେଟେଡ୍ ସିଷ୍ଟମ୍ ସହ ସଜ୍ଜିତ ହୋଇଛି, ଯେଉଁଠାରେ ଦୁଇଟି କଣ୍ଟ୍ରୋଲ୍ ରୁମ୍ ମଧ୍ୟରୁ ଯେକୌଣସି ୟୁନିଟ୍ ଚଳାଯାଇପାରିବ । ଭିତର ତଥା ବାହ୍ୟ ବିପଦ ପାଇଁ ଇନ୍-ବିଲ୍ଟ ସାଇବର ସୁରକ୍ଷା, ପ୍ଲାଣ୍ଟ ନେଟୱାର୍କକୁ ଅସୀମିତ ଡାଟା ଟ୍ରାନ୍ସମିସନ୍, ପରିଚାଳନା ସହିତ କମ୍ ସ୍ପେୟାର ଭଣ୍ଡାର ଏବଂ ନିରାପଦ କାର୍ଯ୍ୟ ପାଇଁ ଏହା ନିର୍ଭରଯୋଗ୍ୟ ଅଟେ । କଣ୍ଟ୍ରୋଲ୍, ଇଣ୍ଟରଲକ୍ ଏବଂ ସୁରକ୍ଷା ବ୍ୟବସ୍ଥା ସହ ଯେକୌଣସି ଘଟଣାର ଅସୁବିଧାକୁ ଅତି ସହଜରେ ନିର୍ଣ୍ଣୟ କରାଯାଇ ପାରିବ ବୋଲି ସୂଚନା ଦିଆଯାଇଛି ।

# ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ



**ବଣାଇଁ, ୧୭ ।୩(ସମିସ):** ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ରବିବାର ବଣାଇଁ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି । ରିଟର୍ଣ୍ଣିଂ ଅଧିକାରୀ ତଥା ବଣାଇଁ ଉପଜିଲ୍ଲାପାଳ ସୁରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ଏଥିରେ ଯୁବ ବିଜେଡି ସଭାପତି ରୋହିତାଶ୍ୱ ମିଶ୍ର, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ସାଂସଦ ପ୍ରତିନିଧି ହେମନ୍ତ କୁମାର ସାହୁ, ସିପିଆଇଏମ୍ ପକ୍ଷରୁ ବିଧାୟକଙ୍କ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ଆମ୍ ଆଦମୀ ପାର୍ଟି ସାଧାରଣ ସମ୍ପାଦକ ବିଭୂତି ଭୂଷଣ ପାଢ଼ୀ, ଏସଏସପିର ରାଜନ କୁମାର ତନ୍ତୀ, ବ୍ଲକ କଂଗ୍ରେସ ସଭାପତି ରୁଦ୍ର ଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ଆଚରଣବିଧି ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ସୂଚନା ଅନୁଯାୟୀ ବଣାଇଁ (ଏସଟି)-୧୪ ବିଧାନସଭା କ୍ଷେତ୍ର ନିର୍ବାଚନ ପାଇଁ ଏପ୍ରିଲ ୨୬ରୁ ମେ ୩ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ମେ ୪ରୁ ୫ ତାରିଖ ମଧ୍ୟରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ । ମେ ୬ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇ ପାରିବ । ବଣାଇଁ ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖା ୨ ଲକ୍ଷ ୨୭ ହଜାର ୫୪୩ । ସେ ମଧ୍ୟରେ ୧ଲକ୍ଷ ୧୧ ହଜାର ୬୨୯ ଜଣ ମହିଳା, ୧ ଲକ୍ଷ ୧୫ ହଜାର ୮୯୩ ଜଣ ପୁରୁଷ, ୨୨ ଜଣ ତୃତୀୟ ଲିଙ୍ଗୀ, ୮୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ୧୧୩୦ ଜଣ ଭୋଟର ରହିଛନ୍ତି ।

## ମ୍ୟୁଜିକ୍ ସର୍କଲର ପଞ୍ଚଦିବସୀୟ ବସନ୍ତ ଉତ୍ସବ ଉଦ୍‌ଘାଟିତ

# ଶିଳ୍ପାୟନ ସତ୍ତ୍ୱେ ବସନ୍ତର ଉଦ୍ଦାମତା ବେଶ୍ ଅନୁମେୟ

**ରାଉରକେଲା, ୧୭ ।୩(ସମିସ)**

ରାଉରକେଲାର ସଂଭ୍ରାନ୍ତ ନୃତ୍ୟ-ସଙ୍ଗୀତ ଅନୁଷ୍ଠାନ ମ୍ୟୁଜିକ୍ ସର୍କଲର ୪୭ତମ ବସନ୍ତ ଉତ୍ସବର ପ୍ରଥମ ସନ୍ଧ୍ୟା ବାସନ୍ତିକା ସାହିତ୍ୟ ସମାରୋହକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି । ଭାରତ ସରକାରଙ୍କ ସଂସ୍କୃତି ବିଭାଗ, କୋଲକାତାସ୍ଥିତ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତଥା ରାଉରକେଲା ଇସ୍ପାତ କାରଖାନା ମିଳିତ ସହଯୋଗରେ ଆୟୋଜିତ ହେଉଥିବା ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ସଭାପତିତ୍ୱ କରି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସହରର ଜଣାଶୁଣା ସାହିତ୍ୟିକ ଡା. କୃପାସିନ୍ଧୁ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା ସଂସ୍କୃତିକୁ ଉଜ୍ଜୀବିତ ରଖିବା କ୍ଷେତ୍ରରେ ମ୍ୟୁଜିକ୍ ସର୍କଲର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲ୍ଲା ଆଗରପଡ଼ା ମହାବିଦ୍ୟାଳୟର ସେବା ନିବୃତ୍ତ ଅଧ୍ୟକ୍ଷ ଡ. ନାରାୟଣ ସେନାପତି ଯୋଗଦେଇ ‘ବସନ୍ତର କଥା ଓ ଗାଥା’ ଶୀର୍ଷକ ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ । ସେ କହିଲେ, ଶିଳ୍ପ ସହର ରାଉରକେଲାରେ ବ୍ଲାଷ୍ଟ ଫର୍ଣ୍ଣେସ୍‌ର ଉଷ୍ମତା ଅଥବା କୋକୋଭେନ୍ ଚିମ୍ନିରୁ ନିର୍ଗତ ଧୂଆଁ ଭିତରେ ବସନ୍ତ ତା’ର ସତ୍ତା ହରାଇ ନାହିଁ । ରାଉରକେଲାର ରିଂରୋଡ୍‌କୁ ଥରେ ପ୍ରଦକ୍ଷିଣ କରିଦେଲେ ଯେକେହି ଏହା ଅନୁଭବ କରିପାରିବ । ତା’ସହ ରାଉରକେଲାର ପ୍ରମୁଖ କଳା, ସଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନଗୁଡ଼ିକର ସାମ୍ପ୍ରତିକ କାର୍ଯ୍ୟକ୍ରମମାନଙ୍କରେ ମଧ୍ୟ ବସନ୍ତର ଉଦ୍ଦାମତା ବେଶ୍ ଅନୁମେୟ । ବସନ୍ତ ଚିରକାଳ ଅପ୍ରତିହତ ବୋଲି ସେ କହିଥିଲେ ।




ପ୍ରାରମ୍ଭରେ ଅନୁଷ୍ଠାନ କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଶାରୀରିକ ଅସୁସ୍ଥତା ଯୋଗୁଁ ସାଧାରଣ ସମ୍ପାଦିକା ଅଳକା ଚାନ୍ଦ ଆଭାସୀ ମାଧ୍ୟମରେ ନିଜ ବାର୍ତ୍ତା ପ୍ରଦାନ କରିଥିଲେ । ସହ ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସ ଅତିଥିମାନଙ୍କ ସହ ମଞ୍ଚାସୀନ ଥିଲେ । ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ମୁଖପତ୍ର ‘ବାସନ୍ତିକା’କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ କବି ସୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବହୁଭାଷୀ କବିତା ପାଠ କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ କବି ସ୍ୱରଚିତ କବିତା ପାଠ କରିଥିଲେ । ସନ୍ତୋଷ କୁମାର ମଲ୍ଲିକ ଏବଂ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ । ଉପଦେଷ୍ଟା ଲକ୍ଷ୍ମଣ ନାଥ ଦାସ, ବିଜୟଲକ୍ଷ୍ମୀ ପଟ୍ଟନାୟକ, କିଶୋରୀ ମୋହନ କର, କିଶୋରୀ ଦାଶ, ନୃସିଂହଚରଣ ବିଶ୍ୱାଳ, ଚନ୍ଦ୍ରଶେଖର ଶତପଥୀ, କଳ୍ପନା ଶତପଥୀ, ଅଶୋକ ପଟ୍ଟନାୟକ, ବ୍ରଜେନ୍ଦ୍ର ଦାଶ, ବଳରାମ ରାଉଳ, କାଶୀନାଥ ନନ୍ଦୀ, ମୀନକେତନ ପଶାୟତ, ଗଙ୍ଗାଧର ପୁହାଣ, କରୁଣାକର ପାଟ୍ଟଶାଣୀ, ବିଜୟ କୁମାର ସାହୁ, ଡଲିରାଣୀ ବ୍ରହ୍ମା, ହରିହର ଶତପଥୀ, ଚିତ୍ତରଞ୍ଜନ ବ୍ରହ୍ମା, ଆର୍ତ୍ତତ୍ରାଣ ମହାପାତ୍ର, ତ୍ରିନାଥ ସିଂହ, ପ୍ରଣତି ବେହେରା, ଗୀତାରାଣୀ ବେହେରା, ନିରୁପମା ପତି, କନକଲତା ମିଶ୍ର ପ୍ରମୁଖ ସହରର ବହୁ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ ।

**ମହଙ୍ଗା ପଡ଼ିଲା ଲଭ୍-ସେକ୍ସ-ଧୋକା**

# ହାତଗଣ୍ଠି ପରିବର୍ତ୍ତେ ହାତକଡ଼ି ଅପେକ୍ଷାରେ ଯୁବକ !

➤ ଅନ୍ୟ ଯୁବତୀଙ୍କୁ ବିବାହ କରିବାକୁ ଯାଉଥିଲେ
➤ ଥାନାକୁ ଉଠାଇ ଆଣିଲା ପୁଲିସ



**ସୁନ୍ଦରଗଡ଼, ୧୭ ।୩(ସମିସ):** ନିଜଠାରୁ ବୟସରେ ବଡ଼ ଅନ୍ୟ ଜାତିର ଜଣେ ଯୁବତୀଙ୍କୁ ପ୍ରେମ କରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଏକ ପୁତ୍ର ସନ୍ତାନର ବାପା ହେବା ପରେ ନିଜ ଜାତିର ଜଣେ ଯୁବତୀଙ୍କୁ ବିବାହ ନିଷ୍ପତ୍ତି ଯୁବକଙ୍କୁ ମହଙ୍ଗା ପଡ଼ିଛି। ରବିବାର ବରବେଶ ସାଜି ବିବାହ କରିବାକୁ ଯାଉଥିବା ବେଳେ ବିବାହ ବେଦୀର ହାତଗଣ୍ଠି ପରିବର୍ତ୍ତେ ଥାନାରେ ହାତକଡ଼ି ଅପେକ୍ଷାରେ ରହିଛନ୍ତି ସମ୍ପୃକ୍ତ ଯୁବକ। ଏହି ଚର୍ଚ୍ଚିତ ଘଟଣା ଘଟିଛି ଧରୁଆଡିହି ଥାନା ଅଞ୍ଚଳରେ। ସମ୍ବଲପୁର ଜିଲ୍ଲା ବାମରା ଗ୍ରାମର ବିଷ୍ଣୁ କିସାନ ଧରୁଆଡିହି ଥାନା ସଲଙ୍ଗାବୁଡ଼ ଗ୍ରାମର ଜଣେ ୨୯ ବର୍ଷୀୟ ଯୁବତୀଙ୍କୁ କୁଆଡ଼େ ଭଲ ପାଉଥିଲେ। ଏପରିକି ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖୁଥିଲେ। ବିଷ୍ଣୁଙ୍କ ଔରସରୁ ଯୁବତୀଙ୍କର ଏକ ୫ ବର୍ଷ ବୟସର ପୁତ୍ର ସନ୍ତାନ ରହିଛି। ପୁତ୍ର ସନ୍ତାନ ହେବା ପରେ ମଧ ବିଷ୍ଣୁ ତାଙ୍କୁ ଘରକୁ ନେଇ ନ ଥିଲେ। ଫଳରେ ଯୁବତୀ ଜଣକ ନିଜ ଶିଶୁପୁତ୍ର ସହ ବାପଘରେ ଆଶ୍ରୟ ନେଇଥିଲେ। ଇତିମଧ୍ୟରେ ବିଷ୍ଣୁ ଚେନ୍ନାଇକୁ କାମ କରିବାକୁ ଯାଇ ତାଙ୍କ ସହ ସମ୍ପର୍କ ଛିନ୍ନ କରିଥିଲେ। ଶେଷରେ ଧରୁଆଡିହି ଗ୍ରାମର ସ୍ୱଜାତିର ଜଣେ ଯୁବତୀଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ରବିବାର ତାଙ୍କ ବିବାହ କାର୍ଯ୍ୟକ୍ରମ ରହିଥିଲା। ବରବେଶରେ ବରଯାତ୍ରୀଙ୍କ ସହ ଧରୁଆଡିହି ଗ୍ରାମକୁ ଯାଉଥିବାବେଳେ ଖବର ପାଇ ତାଙ୍କ ପ୍ରେମିକା ନ୍ୟାୟ ପାଇଁ ଥାନା ଦ୍ୱାରସ୍ଥ ହୋଇଥିଲେ। ଫଳରେ ପୁଲିସ ବିଷ୍ଣୁଙ୍କୁ ରାସ୍ତାରୁ ଉଠାଇ ନେଇ ଥାନାରେ ଅଟକ ରଖିଛି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଉଭୟ ପକ୍ଷଙ୍କୁ ନେଇ ପୁଲିସ କାଉନସେଲିଂ ଚଳାଇଛି। ଯୁବତୀ ଜଣକ ବିଧିବଦ୍ଧ ଭାବେ ଏତଲା ଦେଲେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି।

# ରାସ୍ତାରେ କୋଇଲା ଗୁଣ୍ଡ ପାଇଁ ଦୁର୍ଘଟଣା



➤ ଅଳ୍ପକେ ବର୍ତ୍ତିଲେ ଚାଳକ
➤ ମରଣଯନ୍ତା ପାଲଟିଛି ବ୍ରାହ୍ମଣୀ ପୋଲ

ହେମଗିରି, ୧୭ ।୩(ସମିସ): ହେମଗିରି ବ୍ଲକ ଅନ୍ତର୍ଗତ ବିଭିନ୍ନ କୋଇଲା ଖଣିରୁ କନିକା ରେଲୱେ ସାଇଡିଂ ଏବଂ ଆର୍ଯ୍ୟନ୍ କୋଲ୍ ୱାସ୍ରିକୁ ଟ୍ରେଲର, ଟିପ୍ପରଗୁଡ଼ିକରେ ବୁହା ହେଉଛି କୋଇଲା। ପ୍ରତିଦିନ କୋଇଲା ଖଣି ଓ ପରିବହନ ସଂସ୍ଥା ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଜନସାଧାରଣ, ଜୀବଜନ୍ତୁ ତଥା ଚାଳକଙ୍କ ଧନଜୀବନକୁ ବିପଦରେ ପକାଇ ଟଙ୍କା ଗୋଟେଇବାରେ ବ୍ୟସ୍ତ କମ୍ପାନୀ ସମୂହ। ପରିବହନ ସଂସ୍ଥା ଚାଳକଙ୍କୁ ଟ୍ରିପ୍ ମାରିବାକୁ ବାଧ କରୁଥିବାବେଳେ ରାସ୍ତାରେ ପଡ଼ୁଥିବା କୋଇଲା ଗୁଣ୍ଡ ପାଇଁ ଦୁର୍ଘଟଣା ଘଟୁଛି। ରାସ୍ତାରେ କୋଇଲା ଏବଂ ଧୂଳି ପାଇଁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଫଳରେ ଗାଡ଼ି ଚାଳକ ସାଙ୍ଗକୁ ଜୀବଜନ୍ତୁ ମଧ ପ୍ରାଣ ହରାଉଛନ୍ତି। ଏପରି ମରଣଯନ୍ତା ପାଲିଟିଥିବା ସ୍ଥାନ ହେଉଛି ବ୍ରାହ୍ମଣୀ ନାଳ ପୋଲ ଅଞ୍ଚଳ। କିଛିଦିନ ପୂର୍ବେ ଏକ ଗର୍ଭିଣୀ ଗାଈ ଦୁର୍ଘଟଣାରେ ମରିଥିବାବେଳେ ଶନିବାର ଗୋଟିଏ ଗାଡ଼ି ଆଉଏକ ଗାଡ଼ି ପଛରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଗଡ଼ି ଚାଳକ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ ଗାଡ଼ି ଭାଙ୍ଗିରୁଜି ଯାଇଛି। ରାସ୍ତା ସଫେଇ, ପାଣି ସିଞ୍ଚନ ତଥା ଦୁର୍ଘଟଣା ରୋକିବା ଦିଗରେ ପ୍ରଶାସନ ତଥା କମ୍ପାନୀଗୁଡ଼ିକର ଅବହେଳାକୁ ଅଞ୍ଚଳବାସୀ ଆଉ ବାରଦାସ୍ତ ନ କରି ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।

# ଜିଲ୍ଲା ରୋହିଦାସ ବିକାଶ ଭବନ ନିମନ୍ତେ ଜମି ଚୟନ



**ସୁନ୍ଦରଗଡ଼, ୧୭ ।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରୋହିଦାସ ସେବା ସଂଘ କାର୍ଯ୍ୟାଳୟ ଏବଂ ବିକାଶ ଭବନ ନିର୍ମାଣ ପାଇଁ ସବଡେଗା ତହସିଲ ଅନ୍ତର୍ଗତ କରମଡିହି ସର୍କଲ ସୁବଲିୟା ଗ୍ରାମରେ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ଭୂମି ଚିହ୍ନଟ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଏହି ସେବା ସଂଘ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସାମାଜିକ ସଚେତନ କାର୍ଯ୍ୟ କରି ଆସୁଛି। ମାତ୍ର ସଂଘର ନିଜସ୍ୱ ସ୍ଥାୟୀ କାର୍ଯ୍ୟାଳୟ ନ ଥିବାରୁ ଘୋର ଅସୁବିଧାର ସମ୍ମୁଖୀନ ହୋଇ ଆସୁଛି। କିଛିଦିନ ପୂର୍ବେ ନବୀନ ଓଡ଼ିଶା ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସଂଘ ପକ୍ଷରୁ ଜମି ଏବଂ ବିକାଶ ଭବନ ନିର୍ମାଣ ପାଇଁ ଅନୁଦାନ ସକାଶେ ଅନୁରୋଧ କରାଯାଇଥିଲା। ପାଣ୍ଡିଆନଙ୍କ ନିର୍ଦ୍ଦେଶ କ୍ରମେ ଜମି ଚିହ୍ନଟ କରାଯାଇଛି। ଏହି ଅବସରରେ ସଂଘ ସଭାପତି ସୁରେନ୍ଦ୍ର ରୋହିଦାସ, ଉପ ସଭାପତି ସୁକାନ୍ତ ରୋହିଦାସ, ଡିଗ୍ରୀଲାଲ ମେହେର, କୋଷାଧ୍ୟକ୍ଷ ଯୋଗେଶ୍ୱର ରୋହିଦାସ, ଭୈରବ ରୋହିଦାସ, ଅଜିତ ରୋହିଦାସ, ରଞ୍ଜନ ରୋହିଦାସ, ଯଦୁମଣି ରୋହିଦାସ, ରବୀନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ୫-ଟି ଅଧ୍ୟକ୍ଷଙ୍କ ଏପରି ପଦକ୍ଷେପ ଯୋଗୁଁ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ରୋହିଦାସ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ସରକାରୀ ମହିଳା କଲେଜ ଛାତ୍ରୀନିବାସର ବାର୍ଷିକ ଉତ୍ସବ**

# 'ଉତ୍ତମ ଚରିତ୍ର ଓ ଶୃଙ୍ଖଳିତ ଜୀବନ ସଫଳତାର ଆଧାର'




ସୁନ୍ଦରଗଡ଼, ୧୭ ।୩(ସମିସ): ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ନିବାସ ତେଜସ୍ୱିନୀ, ତପସ୍ୱିନୀ ଓ ଓଜସ୍ୱିନୀ ସମୂହର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ଅଧ୍ୟକ୍ଷତା କରି ଛାତ୍ରୀନିବାସର ଆନ୍ତେବାସିନୀ ଏକ ପରିବାର ପରି ପରସ୍ପର ସୁଖଦୁଃଖରେ ଭାଗିଦାରୀ ହୋଇ ପାଠପଢ଼ା ସହ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. କୁମୁଦିନୀ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନ୍ତେବାସିନୀଙ୍କୁ ସମସ୍ତ ପ୍ରତିବନ୍ଧକ ଓ ପ୍ରତିକୂଳ ପରିସ୍ଥିତିକୁ ଦୃଢ଼ ଆତ୍ମବିଶ୍ୱାସ ମାଧ୍ୟମରେ ଅତିକ୍ରମ କରି ସମାଜରେ ନିଜକୁ ପ୍ରତିଷ୍ଠିତ କରିବାକୁ ଆହ୍ୱାନ ଜଣାଇଥିଲେ। ଉତ୍ତମ ଚରିତ୍ର ଗଠନ ଓ ଶୃଙ୍ଖଳିତ ଜୀବନ ଛାତ୍ରୀମାନଙ୍କ ସଫଳତାର ଆଧାର ବୋଲି ସେ ମତବ୍ୟକ୍ତ କରିଥିଲେ। ତପସ୍ୱିନୀ ଛାତ୍ରୀ ନିବାସ ଅଧୀକ୍ଷିକା ଡ. ଭାନୁପ୍ରିୟା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଏହି ଛାତ୍ରୀ ନିବାସରେ ଛାତ୍ରୀଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି କରାଯାଇଛି ବୋଲି କହିଥିଲେ। ଛାତ୍ରୀନିବାସରେ ସେବା ଯୋଗାଉଥିବା ସମସ୍ତ କର୍ମଚାରୀଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଅନ୍ତେବାସୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସହ ଅଧୀକ୍ଷିକା ଚାରୁଲତା ନାଏକ, ଡ. ସରୋଜିନୀ ମିଞ୍ଜ, ଜ୍ୟୋତିରାଣୀ ଗୁପ୍ତା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଜସ୍ୱିନୀ ଛାତ୍ରୀନିବାସ ଅଧୀକ୍ଷିକା ସ୍ମିତରାଣୀ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀନିବାସ ସାଧାରଣ ସମ୍ପାଦିକା ମୋନିସ୍କା ପ୍ରଧାନ ବାର୍ଷିକ ବିବରଣୀ ପାଠ ଓ ସାଂସ୍କୃତିକ ସମ୍ପାଦିକା ସ୍ନେହାରାଣୀ ଭୋଇ ଧନ୍ୟବାଦ ଦେଇଥିଲେ। ଅନ୍ତେବାସୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# କୁର୍ଗା ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ



**ସୁନ୍ଦରଗଡ଼, ୧୭ ।୩(ସମିସ):** ଟାଙ୍ଗରପାଲି ବ୍ଲକର କୁର୍ଗା ଗ୍ରାମରେ ନବନିର୍ମିତ ଶ୍ରୀ ହନୁମାନ ମନ୍ଦିରର ଧାନ୍ୟ ଭର୍ତ୍ତି ତଥା ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମର ଭଗବାନ ପଟେଲ ଉକ୍ତ ମନ୍ଦିର ନିର୍ମାଣ କରୁଛନ୍ତି। ପଟେଲ ଓ ତାଙ୍କ ସହଧର୍ମିଣୀ ଅନୁସୂୟା ନାଏକ ରତ୍ନମୁଦ ଉତ୍ସବର ପୁରୋଧା ସାଜି ବିଧିମତେ ପୂଜୋତ୍ସବ ସମ୍ପନ୍ନ କରିଥିଲେ। କୁର୍ଗା ସମେତ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇଥିଲେ। ଶ୍ରଦ୍ଧାଳୁଙ୍କ ସମାଗମରେ ଗ୍ରାମରେ ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଅଘରିଆ ସମାଜର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

**ସୁନ୍ଦରଗଡ଼, ୧୭ ।୩(ସମିସ):** ମାର୍ଚ୍ଚ ୧୪ ତାରିଖରୁ ଟାଙ୍ଗରପାଲି ବ୍ଲକ ଗମ୍ଭାରିଡିହି ଗ୍ରାମରେ ଚାଲିଥିବା ଅଖିଳ ଭାରତୀୟ ଅଘରିଆ ସମାଜ ଗାଙ୍ଗପୁର ଅଞ୍ଚଳର ତୃତୀୟ ବାର୍ଷିକ ସମ୍ମିଳନୀ ରବିବାର ଉଦଯାପିତ ହୋଇଛି। ଅଞ୍ଚଳ ସଭାପତି ପ୍ୟାରୀମୋହନ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀଉତ୍ସବରେ ସମାଜସେବୀ ରଞ୍ଜନ କୁମାର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜକୁ ସୁସଂଗଠିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁର୍ଗାମାଧବ ପଟେଲ, ଈଶ୍ୱର ଚନ୍ଦ୍ର ନାଏକ, ଯଶୋବନ୍ତ ନାଏକ, ମୁରଲୀଧର ପଟେଲ, ପ୍ରଦୀପ ପଟେଲ, ଦେବେନ୍ଦ୍ର ପଟେଲ, ଶିବନାଥ ପଟେଲ, ଜଗନ୍ନାଥ ପଟେଲ, ଭୋପାଳ ପଟେଲ, ଉମେଶ ପଟେଲ, ନାରାୟଣ ପଟେଲ ପ୍ରମୁଖ କର୍ମକର୍ତ୍ତା ସମାଜର ଉନ୍ନତି ପାଇଁ ନିଜ ସୁଚିନ୍ତିତ ମତ ରଖିଥିଲେ। ମହିଳା କର୍ମକର୍ତ୍ତାଙ୍କ ମଧ୍ୟରେ ସୁଷମା ପଟେଲ, ଆରତୀ ପଟେଲ, ସ୍ନେହଲତା ପଟେଲ ସମାଜ ପ୍ରତି ମହିଳାମାନଙ୍କ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ମଧୁସ୍ମିତା ନାଏକ, ସୁନିନ୍ଦ ପଟେଲ ଓ ସାଥୀ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସୁବାସ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ସନାତନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଏମଓୟୁ ସ୍ୱାକ୍ଷର

**ସୁନ୍ଦରଗଡ଼, ୧୭ ।୩(ସମିସ):** ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପାଇଁ ଏନଟିପିସି ଦର୍ଲିପାଲି ପକ୍ଷରୁ ଏମଓୟୁ ସ୍ୱାକ୍ଷର ହୋଇଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପର ଅଂଶ ଭାବେ ଏନଟିପିସି ଦର୍ଲିପାଲି ବାଲାଙ୍ଗୀର ଏବଂ ସୁବର୍ଣ୍ଣପୁର ଜିଲ୍ଲାର ଆଖପାଖ ଅଞ୍ଚଳରେ ୫୦୦ ବକ୍ସର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପାଇଁ ସ୍ୱେଚ୍ଛାସେବୀ ସଂସ୍ଥା ସଂଯୋଗ ସହ ୧୮୧.୧୮ କୋଟିରୁ ଅଧିକ ମୂଲ୍ୟର ଦୁଇଟି ଏମଓୟୁ ସ୍ୱାକ୍ଷର କରାଯାଇଛି। ସଂଯୋଗ ଓଡ଼ିଶାର କଣ୍ଟାବାଞ୍ଜିରେ ଅବସ୍ଥିତ ଏକ ପ୍ରସିଦ୍ଧ ସ୍ୱେଚ୍ଛାସେବୀ ସଂସ୍ଥା।




■ ସ୍ଥାପନ ହେବ ଷ୍ଟ୍ରିଟ୍ ଲାଇଟ୍

ଏହି ସଂସ୍ଥା ଜୀବିକା ଏବଂ ମହିଳା ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟ କରୁଛି। ଏନଟିପିସି ଦର୍ଲିପାଲିର ସାଧାରଣ ପରିଚାଳକ (ମାନବ ସମ୍ବଳ) ପ୍ରତିଭା ସିଂ, ସଚିବ କମଲେଶ କୁମାର ମହାନ୍ତି ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହା ସ୍ୱାକ୍ଷରିତ ହୋଇଥିଲା।

# ବିଲେଇମୁଣ୍ଡା ଚକ୍ରା ଶନିଦେବ କମିଟିର ବାର୍ଷିକୋତ୍ସବ

**ହେମଗିରି, ୧୭ ।୩(ସମିସ):** ହେମଗିରି ବ୍ଲକ ବିଲେଇମୁଣ୍ଡା ଚକ୍ରା ଶନିଦେବ କମିଟିର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ହଜାର ହଜାର ସଂଖ୍ୟାରେ ଅଞ୍ଚଳବାସୀଙ୍କ ସମେତ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ହେମଗିରି ବ୍ଲକ ବିଜେଡି ସଭାପତି ସୁକାନ୍ତ ପତି, ସୁକାନ୍ତ ମିଶ୍ର, ପ୍ରମୋଦ ପତି, ହୁକୁମ୍ ଲାଲ ସା, ବିଜୁ ବାବୁ ଏବଂ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ମିନାବଜାର, ଶଙ୍ଖଘଣ୍ଟ ବାଦ୍ୟ କଳାପ୍ରଦର୍ଶନ, ଛତିଶଗଡ଼ କରମା ନୃତ୍ୟ ଇତ୍ୟାଦି ବ୍ୟବସ୍ଥା ସାଙ୍ଗକୁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

# ଏନ୍‌ୱାଇକେ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୧୭ ।୩(ସମିସ):** ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ନେହରୁ ଯୁବ କେନ୍ଦ୍ର (ଏନ୍‌ୱାଇକେ) ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଇନ୍ଦିରା ଗଡ଼ନାୟକ ମୁଖ୍ୟଅତିଥି, ଏନ୍‌ୱାଇକେର ପୂର୍ବତନ ନିର୍ଦ୍ଦେଶକ ନବୀନ ନାଏକ, ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର ପୂର୍ବତନ ଉପ ବିଭାଗ ଅଧିକାରୀ ଲୀଳାଧର କାଲୋ, ପୂର୍ବତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଟେଲ, ଏନ୍‌ୱାଇକେ ସୁନ୍ଦରଗଡ଼ ଜିଲ୍ଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୋଟର ସଚେତନ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଗୋପାଳ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏନ୍‌ୱାଇକେର ସଞ୍ଜୀବ ଦଣ୍ଡସେନା, ସମାଜସେବୀ ସୁମନ୍ତ ମହାପାତ୍ର, ଅଶୋକ ସାହୁ, ଅରୁଣ ଯାଦବ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ସଲିଳା କୁଜୁର ଧନ୍ୟବାଦ ଦେଇଥିଲେ।




**ରଜକ ସେବାସଂଘ ତେଲିପାଲି ଆଞ୍ଚଳିକ କମିଟିର ବାର୍ଷିକ ସମ୍ମିଳନୀ**

# ସମାଜର ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ





**ସୁନ୍ଦରଗଡ଼, ୧୭ ।୩(ସମିସ):** ରଜକ ସେବାସଂଘ ତେଲିପାଲି ଆଞ୍ଚଳିକ କମିଟିର ବାର୍ଷିକ ସମ୍ମିଳନୀ ରବିବାର ଅବନକେଲା ଗ୍ରାମରେ ଅନୁଷ୍ଠିତ ହୋଇଛି। ଗ୍ରାମ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ସଭାସ୍ଥଳକୁ ଦୀପ ଅଣାଯାଇଥିଲା। ସଭାସ୍ଥଳରେ ଆରାଧ ଦେବୀ ମା' ସମଲେଇଙ୍କ ଆରାଧନା କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ଆସନ୍ତା ୨୪ ତାରିଖ ନୂଆପଡ଼ା ସହରରେ ହେବାକୁ ଥିବା ସଂଘର ବାର୍ଷିକ ସମ୍ମିଳନୀର ସଫଳତା ସକାଶେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ ଜିଲ୍ଲାୱାରୀ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଆଞ୍ଚଳିକ କମିଟି ୱାରୀ ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇଥିଲା। ଉକ୍ତ ସମ୍ମିଳନୀ ପାଇଁ ନୂଆପଡ଼ା ଅଭ୍ୟର୍ଥନା କମିଟିକୁ ତେଲିପାଲି ଆଞ୍ଚଳିକ କମିଟି ପକ୍ଷରୁ ୧୩୫୦୦ ଟଙ୍କା ସହଯୋଗ କରାଯିବ ବୋଲି ଆଞ୍ଚଳିକ କମିଟି ସଭାପତି ଅଭିନ୍ନ ଚନ୍ଦ୍ର ସେଠ ସୂଚନା ଦେଇଛନ୍ତି। ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ ଜିଲ୍ଲାକୁ ଦିଆଯାଇଥିବା ଆର୍ଥିକ ସହଯୋଗର ଲକ୍ଷ୍ୟ ପୂରଣ କରିବାକୁ ପରାମର୍ଶ ଦିଆଯାଇଛି। କେନ୍ଦ୍ରୀୟ କମିଟି ସମ୍ପାଦକ ଜୟକୃଷ୍ଣ ସେଠଙ୍କ ସଂଯୋଜନାରେ ଉକ୍ତ ସମୀକ୍ଷା ହୋଇଥିଲା। ଆଞ୍ଚଳିକ ବାର୍ଷିକ ସମ୍ମିଳନୀରେ କେନ୍ଦ୍ରୀୟ କମିଟି ସଭାପତି ଉମେଶ କୁମାର ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆପଡ଼ାରେ ହେବାକୁ ବାର୍ଷିକ ସମ୍ମିଳନୀର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ତେଲିପାଲି ଅଞ୍ଚଳକୁ ରଜକ ସେବା ସଂଘର ଅନ୍ତୁଡ଼ିଶାଳ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂଘର କେନ୍ଦ୍ରୀୟ ଉପଦେଷ୍ଟା ତଥା ପୂର୍ବତନ ବିଡିଓ ଚନ୍ଦ୍ରମଣି ସେଠ, ସମ୍ବଲପୁର ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ସେଠ, ସୁନ୍ଦରଗଡ଼ ଜିଲ୍ଲା ସଭାପତି ପ୍ରତାପ କୁମାର ବେଜୀ, ଉପସଭାପତି ସୁବନ ସେଠ, ବଲିଙ୍ଗା ଆଞ୍ଚଳିକ କମିଟି ସଭାପତି କଳିନ୍ଦ୍ର ସେଠ, କର୍ଲାଘାଟି ଆଞ୍ଚଳିକ କମିଟି ସଭାପତି ଅର୍ଜୁନ ସେଠ ପ୍ରମୁଖ ସମାଜର ସାମଗ୍ରୀକ ବିକାଶର ବିଭିନ୍ନ ଦିଗ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରୀୟ ସମୀକ୍ଷକ ଜେମାଦେଇ ସେଠ, ପୂର୍ବତନ ସୁନ୍ଦରଗଡ଼ ଜିଲ୍ଲା ଉପସଭାପତି ସୁଷମା ସେଠ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସମ୍ପାଦକ କୁଳଦୀପ ସେଠ ସଭା ପରିଚାଳନା କରିଥିବା ବେଳେ ହସନ୍ତିକା ସେଠ ଧନ୍ୟବାଦ ଦେଇଥିଲେ। ଅଲେଖ ଚନ୍ଦ୍ର ସେଠ, ରିତେଶ ସେଠ, ବିକେ ସେଠ, ଗୋବିନ୍ଦା ସେଠ, ରଞ୍ଜିତ ସେଠ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଡେରାବିଶରେ କାଳବୈଶାଖୀର ତାଣ୍ଡବ

# ବରଗଛ ପଡ଼ି ଭାଙ୍ଗିଲା କ୍ୟାବିନ୍ ଓ ସ୍କୁଟି





ଡେରାବିଶ, ୧୭।୩(ସମିସ): କାଳବୈଶାଖୀର ତାଣ୍ଡବ ଯୋଗୁ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ନୁଆହାଟ ଶନିମନ୍ଦିର ଛକରେ ଥିବା ଏକ ବିରାଟ ବରଗଛ ଭାଙ୍ଗି ପଡ଼ିଛି। ଗଛଟି ଏକ କ୍ୟାବିନ୍ ଉପରେ ପଡ଼ିବାରୁ କ୍ୟାବିନ୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ସେଠାରେ ଥିବା ଏକ ସ୍କୁଟି ମଧ୍ୟ ଭାଙ୍ଗି ଚେପା ହୋଇଯାଇଛି। କ୍ୟାବିନ୍ ମଧ୍ୟରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି।

ରବିବାର ସନ୍ଧ୍ୟାରେ ହଠାତ୍ କଳାହାଣ୍ଡିଆ କରି ଜୋର୍‌ରେ ପବନ ମାଡି ଆସିଥିଲା। ଚାହୁଁ ଚାହୁଁ ଉକ୍ତ ବରଗଛଟି ଉପୁଡି ପଡ଼ିଯାଇଥିଲା। ବରଗଛ ତଳେ ଥିବା ତପନ କୁମାର ପ୍ରଧାନଙ୍କ କ୍ୟାବିନ୍‌କୁ ମାଡି ବସିଥିଲା। ଏହା ମାଟିରେ ମିଶିଯାଇଛି। ଦୋକାନ ଆଗରେ ତପନ ରଖିଥିବା ତାଙ୍କର ସ୍କୁଟି ଉପରେ ମଧ୍ୟ ବରଡାଳ ପଡ଼ିଯିବାରୁ ଭାଙ୍ଗି ଚୁରମାର ହୋଇଯାଇଛି। ବରଗଛଟି ଭାଙ୍ଗି ରାସ୍ତା ଉପରେ ପଡ଼ିବାରୁ କିଛି ସମୟ ପାଇଁ ଯାତାୟାତ ବନ୍ଦ ହୋଇଯାଇଥିଲା। ଖବର ପାଇ ଡେରାବିଶ ଅଗ୍ନିଶମବାହିନୀ କର୍ମଚାରୀମାନେ ପହଞ୍ଚି ବରଡାଳ କାଟି ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ରମ୍‌ଜାନ ମାସରେ ବିଦ୍ୟୁତ୍‌କାଟ୍ ନେଇ ଅସନ୍ତୋଷ

ପଞ୍ଚୁପାଣ୍ଡବ, ୧୭।୩(ସମିସ): ଡେରାବିଶ ବ୍ଲକ ସଦାନନ୍ଦପୁର ସମେତ ବିଭିନ୍ନ ଅଞ୍ଚଳରେ ଥିବା ମୁସଲମାନଭାଇମାନଙ୍କର ପବିତ୍ର ରମଜାନ୍ ମାସ ଚାଲିଥିବା ସମୟରେ ଘନଘନ ବିଦ୍ୟୁତ୍‌କାଟ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ମାସେ ଧରି ପାଳନ ହେଉଥିବା ଏହି ପର୍ବରେ ରୋଜା ରଖିବା, ଉପବାସ ରହିବା, ଦିନକୁ ୫ଥର କୋରାନ ପଢ଼ିବା ଓ ରାତିରେ ତରାବି ପ୍ରାର୍ଥନା କରାଯାଉଛି। ଏହି ସମୟରେ ବାରମ୍ବାର ବିଦ୍ୟୁତ୍‌କାଟ ପର୍ବ ପାଳନରେ ଘୋର ବ୍ୟାଘାତ ସୃଷ୍ଟି କରୁଛି। ତେବେ ଏ ମାସରେ ବିଦ୍ୟୁତ୍ ସରବରାହ ୨୪ ଘଣ୍ଟା ରହିବା ପାଇଁ ମୁସଲମାନ ଭାଇଭଉଣୀମାନେ ବାଲିଚନ୍ଦ୍ରପୁର ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ନଳକୂପ ଅଚଳ; ୧୫ ପରିବାର ହୀନସ୍ତା



ପଞ୍ଚୁପାଣ୍ଡବ, ୧୭।୩(ସମିସ): ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ଗୁଡ଼ିଆସାହି ନିକଟରେ ଥିବା ସରକାରୀ ନଳକୂପ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଏହି ନଳକୂପଟି ରାସ୍ତାର ଗୋପାଳସାହି ନିକଟରେ ହୋଇଥିବାରୁ ଏହା ଉପରେ ୫୦ ପରିବାର ସମେତ ପଥଚାରୀମାନେ ତୃଷା ନିବାରଣ ପାଇଁ ନିର୍ଭର କରିଥାନ୍ତି। ଖରାଦିନ ପୂର୍ବରୁ ଅଚଳ ନଳକୂପଗୁଡ଼ିକୁ ସଚଳ କରାଯାଉଥିବା ବେଳେ ଏହି ନଳକୂପଟି ସଚଳ ନହେବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ତୁରନ୍ତ ମରାମତି କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଗାଡ଼ି ଧକ୍କାରେ ୨ ଗୁରୁତର

ଡେରାବିଶ, ୧୭।୩(ସମିସ): କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଫାଣ୍ଡିନିକଟରେ ଗତକାଲି ଅପରାହ୍ନ ୨ଟାବେଳେ ଏକ ଟାଟାଏସି ଧକ୍କାରେ ଏକ ବାଇକ୍‌ରେ ଯାଉଥିବା ଦୁଇଜଣ ଗୁରୁତର ଆହାତ ହୋଇଛନ୍ତି। ଡେରାବିଶ ବ୍ଲକ ଯଅଁରାବାରିମୂଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତେହେଡ଼ା ଗ୍ରାମର ଗୋଲଖ ଚନ୍ଦ୍ର ସାହୁ (୬୨) ଙ୍କୁ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଲୋକନାଥପୁର ଗ୍ରାମର ଅକ୍ଷୟ ମହାକୁଡ଼ ଏକ ବାଇକ୍‌ରେ ନେଇ ବରପାତ୍ର ଦେଖିବା ପାଇଁ ପଲେଇ ଗ୍ରାମକୁ ଯାଉଥିଲେ। ତେବେ ଚାନ୍ଦୋଳ ଫାଣ୍ଡିଠାରୁ ଅଳ୍ପ ଦୂରରେ କଟକ-ଚାନ୍ଦବାଲି ରାଜରାସ୍ତାରେ ଯାଉଥିବା ସମୟରେ ପଛପଟୁ ଏକ ଟାଟାଏସି ଧକ୍କାଦେଇ ଦ୍ରୁତ ଗତିରେ ପଳାଇଥିଲା। ଉଭୟ ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ଲୋକ ୧୦୮ ଯୋଗେ ନିଶ୍ଚନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

● ଗାଡ଼ି ଧକ୍କାରେ ଭାଙ୍ଗିଲା ନେତାଜୀଙ୍କ ପ୍ରତିମୂର୍ତ୍ତି ପିଣ୍ଡି

## ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ଦାବି



ପାରାଦୀପ, ୧୭।୩(ସମିସ): ବନ୍ଦରନଗରୀ ପାରାଦୀପ ସହରର ବଡପଡ଼ିଆ ନିକଟରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତି ପିଣ୍ଡି ଅଜଣା ଗାଡି ଧକ୍କାରେ ଭାଙ୍ଗିଯାଇଛି। ଏହି ରାସ୍ତା ଦେଇ ପିଆଇସିଟି ବର୍ଥ ଓ ୫ ନମ୍ବର ଗେଟ୍‌କୁ ବହୁ ଭାରିଯାନ ଯିବାଆସିବା କରିଥାନ୍ତି। ପ୍ରତିମୂର୍ତ୍ତି ରହିଥିବା ସ୍ଥାନଟି ଅଣଓସାରିଆ ଥିବାରୁ ବହୁ ସମୟରେ ଏହି ନେତାଜୀ ପ୍ରତିମୂର୍ତ୍ତି ପିଣ୍ଡିରେ ଟ୍ରକ୍ ପିଟି ହୋଇ ଭାଙ୍ଗିଯାଉଛି। ଆଜି କୌଣସି ଏକ ଅଜଣା ଗାଡି ଧକ୍କାରେ ପ୍ରତିମୂର୍ତ୍ତୀର ପେଡେଷ୍ଟାଲଟି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏହି ପ୍ରତିମୂର୍ତ୍ତିଟି ନେତାଜୀ ମେମୋରିଆଲ କ୍ଲବ ଦ୍ୱାରା ୨୦୦୪ ମସିହାରେ ପ୍ରତିଷ୍ଠା କରାଯାଇଥିଲା ଏବଂ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତେଣୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ଏହି ସ୍ଥାନରୁ ପ୍ରତିମୂର୍ତ୍ତୀକୁ ସ୍ଥାନାନ୍ତର କରିବାକୁ ବନ୍ଦର ପ୍ରଶାସନକୁ ନେତାଜୀ ମେମୋରିଆଲ ଟ୍ରଷ୍ଟର ସାଧାରଣ ସମ୍ପାଦକ ପବିତ୍ର ମିଶ୍ର ଏବଂ ନେତାଜୀ ପ୍ରେମୀମାନେ ଦାବି ଜଣାଇଛନ୍ତି।

## ଯାଦବ ମହାସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଜଗତସିଂହପୁର, ୧୭।୩(ସମିସ): ରାଜ୍ୟ ସରକାର ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଯାଦବ ଭବନ ନିର୍ମାଣ ନିମନ୍ତେ ମୂଲ୍ୟବାନ ଜମି ପ୍ରଦାନ କରିଥିବାରୁ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏହି ଯାଦବ ଭବନ ନିର୍ମାଣ ହେଲେ ଓଡ଼ିଶାର କୋଣଅନୁକୋଣରୁ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟରେ ରାଜଧାନୀ ଆସୁଥିବା ଯାଦବ ଭାଇମାନେ ଏହି ଭବନର ଉପଯୋଗ କରିପାରିବେ ବୋଲି ଜଗତସିଂହପୁର ଜିଲ୍ଲା ଯୁବ ଯାଦବ ମହାସଭାର ସଭାପତି ଆଇନଜୀବୀ ନରେଶ ଦାସ, ସମ୍ପାଦକ ସୁକାନ୍ତ କୁମାର ଦାସ, ଉପସଭାପତି ଶିବପ୍ରସାଦ ବେହେରା, କୋଷାଧ୍ୟକ୍ଷ ପ୍ରଣବ ଦାସ, ଜିଲ୍ଲା ଯାଦବ ମହାସଭା ଆବାହକ ସୁବାଷ ଚନ୍ଦ୍ର ବେହେରା, ଜିଲ୍ଲାର ବିଭିନ୍ନ ବ୍ଲକର ଯାଦବ ନେତୃତ୍ୱ ବାବାଜୀ ଚରଣ ଦାସ, କାର୍ତ୍ତିକ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ବାହାଲିଆ, ଅଶୋକ ଦାସ, ରବୀନ୍ଦ୍ରନାଥ ବେହେରା, ମନୋଜ ବେହେରା, ଭଞ୍ଜ କିଶୋର ବେହେରା, ଲକ୍ଷ୍ମୀଧର ବେହେରା, ବସନ୍ତ କୁମାର ବେହେରା, ସୁନୀଲ୍ ପରିଡ଼ା, ସନ୍ତୋଷ ଦାସ, ବାବୁଲି ଦାସ, କମଳାକାନ୍ତ ପରିଡ଼ା, ଆଶିଷ କୁମାର ମାଣିଆ, ଆଶୁତୋଷ ଦାସ, ଦିଲ୍ଲିପ କୁମାର ମହାକୁଡ଼ ପ୍ରମୁଖ ମତପ୍ରକାଶ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହିତ ଉତ୍କଳ ଯାଦବ ମହାସଭାର ରାଜ୍ୟ ନେତୃତ୍ୱ ମାନଙ୍କୁ ମଧ୍ୟ ଏହି ଅବସରରେ କୃତଜ୍ଞତା ଜଣାଇଥିଲେ।

# ନିର୍ବାଚନ ପାଇଁ ଆଳି ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ଆଳି, ୧୭।୩(ସମିସ): ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଆଳି ବ୍ଲକରେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବାକୁ ପୁଲିସ ତତ୍ପର ହୋଇଉଠିଛି। ରବିବାର ଅପରାହ୍ନରେ ଆଳି ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆଳି ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ନେତୃତ୍ୱରେ ଆଳି ପୁଲିସ ଓ ଗୋଟେ କମ୍ପାନୀ ସିଆଇଏସ୍‌ଏଫ୍ ଆଳି ଥାନାରୁ ବାହାରି ଆଳି ବଜାର ଦେଇ ଗୌଡ଼ପାଟଣା, ନିଆଳ ଗ୍ରାମ ଦେଇ ନିଆଳ ହାଟରେ ପହଞ୍ଚି କଟକ-ଚାନ୍ଦବାଲି ରାସ୍ତା ଦେଇ ଡାକବଙ୍ଗଳା ଛକ, ବଡ଼ବଜାର, ଦେମାଳ ଗ୍ରାମ ଅତିକ୍ରମ କରିବା ପରେ ଆଠକଣିଆ ଛକ ପରିକ୍ରମା କରିବା ପରେ ଥାନାରେ ପହଞ୍ଚିଥିଲେ। ନିର୍ବାଚନ ପରିପ୍ରେକ୍ଷୀରେ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଉଥିବା ଥାନା ଅଧିକାରୀ ଶତପଥୀ ସୂଚନା ଦେଇଛନ୍ତି।

## ଜିଲ୍ଲା ଫାର୍ମାସିଷ୍ଟ ଅଫିସର ସଂଘର ସାଂଗଠନିକ ସମାବେଶ

କେନ୍ଦ୍ରାପଡ଼ା, ୧୭।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଫାର୍ମାସିଷ୍ଟ ଅଫିସର ସଂଘର ସାଂଗଠନିକ ସମାବେଶ ରବିବାର ମାଧପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଚନ୍ଦ୍ରଶେଖର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ସୁଧାଂଶୁ ଶେଖର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଘର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟବିଭାଗ ସଂଘର ନୂତନ ନାମକରଣକୁ ମଞ୍ଜୁରୀ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିବା ସହ ସଂଘର କେତେକ ଦାବି ମାନ୍ୟବର ମୁଖ୍ୟମନ୍ତ୍ରୀ ସହୃଦୟତାର ସହ ବିଚାର କରିବାକୁ ନିବେଦନ କରିଥିଲେ। ଏହି ଅବସରରେ ସରକାରୀ ସେବା ନିବୃତ୍ତ ସୁରେନ୍ଦ୍ର ନାଥ ନାୟକ, ପହଲି ପ୍ରସାଦ ବେହେରା, ପ୍ରତାପ ଚନ୍ଦ୍ର ମହାରଣା, ରଞ୍ଜନ କୁମାର ରାଉତ, ହୃଷୀକେଶ ମଲିକ, ସେକ ତଲିମୁଦ୍ଦିନ ଖାନ ପ୍ରମୁଖ ୬ ଜଣ ବରିଷ୍ଠ ଅଫିସରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବାବା ବାଲୁଙ୍କେଶ୍ୱର କ୍ରିକେଟ୍ କ୍ଲବ

## ଫକୀର ସ୍ମାରକୀ ଟେନିସ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପାରାଦୀପ, ୧୭।୩(ସମିସ): ବାବା ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ବିଶ୍ୱାଳି ଆନୁକୂଲ୍ୟରେ ୧୮ତମ ଫକୀର ସ୍ମାରକୀ ଟେନିସ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ଜ୍ଞାନ ରଞ୍ଜନ ସାମଲ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଳନ୍ଦୀ ଲେଙ୍କା ଓ ବୁନୁ ପରିଡ଼ା ଉପସ୍ଥିତ ରହି ମ୍ୟାଚକୁ ଆଗକୁ ନେବାକୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ପ୍ରଥମେ ପାରାଦୀପଗଡ଼ ଓ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି କେନ୍ଦ୍ରାପଡ଼ା ୧୨ ଓଭରରେ ୯୪ ରନ କରିଥିବା ବେଳେ ଜବାବରେ ପାରାଦୀପ ଗଡ଼ ୧୦ ଓଭରରେ ୯୫ ରନ କରି ମ୍ୟାଚ୍‌କୁ ଜିତିଥିଲା। ଦ୍ୱିତୀୟ ରାଉଣ୍ଡରେ ବାଲିତୁଠ ଓ ଉଦୟଭଟ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଦୟଭଟ ଟସ୍ ଜିତି ୧୫ ଓଭରରେ ୨୨୭ ରନ କରିଥିବାବେଳେ ଜବାବରେ ବାଲିତୁଠ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରି ହାରିଯାଇଥିଲା। କ୍ଲବ ପକ୍ଷରୁ ଭିକାରୀ ମଲ୍ଲିକ ଓ ସୁଧୀର ପରିଡ଼ା ସମସ୍ତ ଖେଳ ପରିଚାଳନା କରିଥିଲେ। ଉଦ୍‌ଘଟନୀ ମ୍ୟାଚ ବେଶ୍ ସଂଘର୍ଷମୟ ଥିଲା।



## ରାମଚରିତ ମାନସ ଓ ନବାହ୍ନ ପାରାୟଣ ଆରମ୍ଭ

ମହୁ, ୧୭।୩(ସମିସ): ମହୁ ପଞ୍ଚାୟତସ୍ଥିତ ରାମ ମନ୍ଦିରରେ ରାମଦୟା ପରିଷଦ ପକ୍ଷରୁ ରବିବାର ୩୬ତମ ରାମଚରିତ ମାନସ ପ୍ରବଚନ ଓ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ବ୍ୟକ୍ତି ସଂକୀର୍ତ୍ତନ ଦଳ ସହ ନାମ ସଂକୀର୍ତ୍ତନ କରି ଯାଇ ଗାଁ ଶେଷ ମୁଣ୍ଡରେ ଥିବା ପୂଣ୍ୟତୋୟା ବ୍ରାହ୍ମଣୀ ନଦୀ ନିକଟରେ ପହଞ୍ଚିଥିଲେ। ପୂଜକ ଜଗବନ୍ଧୁ ତ୍ରିପାଠୀ ପୂଜାର୍ଚ୍ଚନା କରିବା ପରେ ଅଭିମନ୍ତ୍ରିତ ଜଳ କଳସ ଧରି ଗ୍ରାମ ପରିକ୍ରମା କରି ସମସ୍ତେ ରାମ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହାପରେ ରାମଚରିତ ପାରାୟଣ ଆରମ୍ଭ ହୋଇଥିଲା। ଏଠାରେ ୯ଦିନ ଧରି ସନ୍ଧ୍ୟାରେ ରାମ କଥାମୃତ ଅନୁଷ୍ଠିତ ହେବ।ପ୍ରବଚକ ସୂର୍ଯ୍ୟକାନ୍ତ ରଥଶର୍ମା, ବାବା ଦିବାକର ଦାସ, ପ୍ରତାପ କିଶୋର ନନ୍ଦ ପ୍ରମୁଖ ବିଭିନ୍ନ ସନ୍ଧ୍ୟାରେ ପ୍ରବଚନ ଦେବେ।ଦୋଳ ପୂର୍ଣ୍ଣିମା ଦିନ ଏହା ଉଦ୍‌ଯାପିତ ହେବ।

# ରାସ୍ତାରେ ବାଲି ଆସ୍ତରଣ; ହନ୍ତସନ୍ତ ଲୋକେ

ଡେରାବିଶ, ୧୭।୩(ସମିସ): ଡେରାବିଶ ବ୍ଲକ ଅଞ୍ଚଳ ଦେଇ ମହାନଦୀର ଶାଖାନଦୀ 'ଲୁଣା' ବହିଯାଇଛି। ଏହି ନଦୀ ଶଯ୍ୟାରେ ପ୍ରଚୁର ପରିମାଣରେ ମଧୁର ବାଲି ଗଚ୍ଛିତ ରହିଛି। ସରକାରଙ୍କ ପକ୍ଷରୁ ରାଜସ୍ୱ ସଂଗ୍ରହ ପାଇଁ ଏହି ନଦୀର ଡେରାବିଶ ତହସିଲ ଅଧିନରେ ଅର୍ତ୍ତାମୂଳ, ଭାଗବତପୁର ଓ ବସପୁର ବାଲିଘାଟ ସମେତ ଗରଦପୁର ବ୍ଲକର ସଠିଲୋ ଆଦି ମୋଟ ଚାରିଗୋଟି ବାଲିଘାଟ ରହିଛି। ଏହି ବାଲିଘାଟ ଗୁଡ଼ିକରୁ ପ୍ରତିଦିନ ହଜାର ହଜାର ହାଇୱା ଓ ଟ୍ରାକ୍ଟର ଦ୍ୱାରା କେନ୍ଦ୍ରାପଡ଼ା କେନାଲ ବନ୍ଧ, ଦାନପୁର-ଚାନ୍ଦୋଳ ରାସ୍ତା ଉପର ଦେଇ ବାଲି ଚାଲାଣ କରାଯାଇଥାଏ। ତେବେ ଏତେ ସଂଖ୍ୟାରେ ଗାଡ଼ି

■ ବାଲିଘାଟ ନିଲାମଧାରୀ ମାଲେମାଲ, ପ୍ରଶାସନ ନୀରବ

■ ତୁରନ୍ତ ଦୃଷ୍ଟି ନଦେଲେ ଜନଆନ୍ଦୋଳନ ଚେତାବନୀ

ଗୁଡ଼ିକରେ ବାଲି ଚାଲାଣ ହେବା ଫଳରେ ଉପରୋକ୍ତ ରାସ୍ତା ଗୁଡ଼ିକରେ ବାଲି ପରିବହନ କରୁଥିବା ଗାଡ଼ିଗୁଡ଼ିକରୁ ବାଲି ଝଡ଼ି ଝଡ଼ି ରାସ୍ତାରେ ଏକ ମୋଟା ଆସ୍ତରଣ ସୃଷ୍ଟି ଜମିଯାଇଛି। ଏହି ରାସ୍ତା ଦୁଇଟି ବ୍ୟବସ୍ତବହୁଳ ରାସ୍ତା ହୋଇଥିବାବେଳେ ଡେରାବିଶ ଓ ଗରଦପୁର ଦୁଇଟି ବ୍ଲକର ପାପାଖି ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତତର ଜନସାଧାରଣ ଦୈନନ୍ଦିନ ଯାତାୟତ କରିଥାନ୍ତି। ଏଥିସହିତ ହଜାର ହଜାର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ରାତିପାହିଲେ ଯା'ଆସ କରୁଥିବାବେଳେ ଦାନପୁର, ହରିଅଙ୍କ ଓ ଚାନ୍ଦୋଳ ମେଡ଼ିକାଲକୁ ଆସୁଥିବା ରୋଗୀମାନେ ମଧ୍ୟ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ମାତ୍ର ରାସ୍ତାରେ ମୋଟା ବାଲିର ଆସ୍ତରଣ ଯୋଗୁ ଅନେକ ସମୟରେ ବାଇକ୍ ଓ ସାଇକେଲ୍ ସ୍ଲିପ୍ ହୋଇ ଦୁର୍ଘଟଣା ଘଟୁଛି। ଏଥିସହିତ ବିଭିନ୍ନ ଛକମାନଙ୍କରେ ଏହି ବାଲି ଆସ୍ତରଣ ଯୋଗୁ ଗାଡ଼ି ଚକା ମଧ୍ୟ ଖସି ଦୁର୍ଘଟଣା ଘଟୁଛି। ସର୍ବୋପରି ଦାନପୁର ଲକ ନିକଟରେ କେନାଲ୍ ବନ୍ଧରୁ ଦାନପୁର-ଚାନ୍ଦୋଳ ରାସ୍ତା ଗଡ଼ାଣିସ୍ଥଳରେ ଜମା ହୋଇଥିବା ବାଲି ଆସ୍ତରଣ ଫଳରେ ଏହା ବଡ଼ ବଡ଼ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଯଦି ଗଡ଼ାରେ କୌଣସି ଭାରିଯାନ ଗଡୁଥିବା ସମୟରେ ତଳପାଖରୁ କେହି ଆଗକୁ ପଶିଆସନ୍ତି ତେବେ ଏହି ଭାରିଯାନ ଆଉ ଗଡ଼ାରେ



ଅଟକିବା ସମ୍ଭବ ହେବନାହିଁ। ଏଥିସହିତ ରାସ୍ତା କଡ଼ରେ ଥିବା ଘରମାନଙ୍କୁ ଦିନସାରା ଏହି ବାଲି ଉଡ଼ି ସେମାନଙ୍କ ଜୀବନ ଦୁର୍ବିସହ କରିପକାଇଛି। ତେବେ ଉପରୋକ୍ତ ଚାରିଟି ଘାଟ ସରକାରଙ୍କ ପକ୍ଷରୁ ନିଲାମ ହୋଇ ବାର୍ଷିକ ୫କୋଟିରୁ ଅଧିକ ଟଙ୍କା ରାଜସ୍ୱ ପାଉଥିବା ବେଳେ ଘାଟ ନିଲାମଧାରୀ ମଧ୍ୟ ଏହାଠାରୁ ଢ଼େର ଅଧିକ ରାଜସ୍ୱ ପାଉଛନ୍ତି। ଏହି ଘାଟଗୁଡ଼ିକ ତହସିଲ ପ୍ରଶାସନ ନିକଟରୁ ମାଇନ୍ସ ଆଣ୍ଡ ମିନେରାଲ୍ସ ବିଭାଗ ଅଧିନକୁ ଯାଇଛି। ମାତ୍ର ବିଭାଗର ଅଧିକାରୀମାନେ ଲୋକଦେଖାଣିଆ ଭାବେ ଘାଟ ଉପରେ ଚଡଉ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ପ୍ରତି ଦୃଷ୍ଟି ଦେଉନାହାଁନ୍ତି। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳବାସୀ ଉତ୍‌କ୍ଷିପ୍ତ ଥିବାବେଳେ କିଛିଦିନ ତଳେ ଖରିଦା ସାହି ନିକଟରେ ଗ୍ରାମର କିଛି ମହିଳା ରାସ୍ତା ରୋକ କରି ଦାନପୁର-ଚାନ୍ଦୋଳ ରାସ୍ତାରେ ବାଲିଟ୍ରକ ଦିନରେ ଚଳାଚଳ ନକରିବା ପାଇଁ ଦାବି କରିଥିଲେ। ତେବେ ଏହି ଘଟଣାକୁ ପୁଲିସ ପ୍ରଶାସନ ବୁଝାସୁଝା କରି ସାମୟିକ ଭାବେ ବନ୍ଦ କରିଦେଇଥିଲେ। ହେଲେ ଧିରେ ଧିରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଅଞ୍ଚଳବାସୀ ଏକାଠି ହୋଇ ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଘାଟ ନିଲାମଧାରୀଙ୍କୁ ତାଗିଦ କରିବା ସହିତ ଦିନରେ ଗାଡ଼ି ଚଳାଚଳ, ଓଭର ଲୋଡ଼ିଂ ବାଲି ପରିବହନ ଓ ସର୍ବୋପରି ରାସ୍ତା ଉପରେ ପଡ଼ି ରହିଥିବା ବାଲି ଆସ୍ତରଣକୁ ସଫା କରିବାକୁ ଦାବି କରିଛନ୍ତି।

ମା' ବନ୍ଦରେଇ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଶେଷ ବଲ୍‌ରେ ମ୍ୟାଚ୍ ଜିତିଲା ଅଳାଭର ଟିମ୍

ବାଲିକୁଦା, ୧୭।୩(ସମିସ): ବାଲିକୁଦା ବ୍ଲକ ବନ୍ଦରେଇ ଯୁଥ କ୍ଲବ ବନ୍ଦର ଆନୁକୂଲ୍ୟରେ ମା' ବନ୍ଦରେଇ ପଡ଼ିଆ ଠାରେ ୨ଦିନ ଧରି ଚାଲିଥିବା ପ୍ରଥମ ବାର୍ଷିକ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ




ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ୍ ମ୍ୟାଚରେ ମାତୃଶକ୍ତି କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୪୮ ରନ କରିଥିଲା। ଜବାବରେ ଅଳାଭର କ୍ରିକେଟ କ୍ଲବ ଏହି ରୋମାଞ୍ଚକର ମ୍ୟାଚକୁ ଶେଷ ବଲ୍‌ରେ ଜିତି ନେଇଥିଲା। ମ୍ୟାନ ଅଫ ଦି ସିରିଜ୍ ଭାବେ ନୀତିଶ ବାରିକ ବିବେଚିତ ହୋଇଥିବା ବେଳେ ମ୍ୟାନ ଅଫ୍ ଦି ମ୍ୟାଚ ଲିପୁନା ସ୍ୱାଇଁ ଘୋଷିତ ହୋଇଥିଲେ। ମ୍ୟାଚରେ ଆମ୍ପେୟାର ଭାବେ ମୃଣ୍ମୟ ସ୍ୱାଇଁ ଓ ସୁବ୍ରତ ମହାନ୍ତି ଦାଇତ୍ୱ ନିର୍ବାହ କରିଥିବା ବେଳେ ସ୍କୋରରେ ବବୁଲ ସ୍ୱାଇଁ ଓ ଅମୀୟ ଦାସ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ବାପି ଦାସ ଯୋଗଦେଇ ଚମ୍ପିୟାନ ଓ ରନର୍ସଅପ୍ ଦଳକୁ ଟ୍ରଫି ସମେତ ପୁରସ୍କାରରାଶି ପ୍ରଦାନ କରିଥିଲେ। ମ୍ୟାଚର ସମସ୍ତ ଧାରାବିବରଣୀ ପ୍ରଦୀପ ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ ଓ ଟୁଟୁ ସ୍ୱାଇଁ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ କ୍ଲବର ସଦସ୍ୟ ଆଶ୍ରିବାଦ ବେହେରା, ସିମ୍ପୁଲ ବିଶ୍ୱାଳ, କାଳନ୍ଦୀ ଦାସ, ମହେଶ୍ୱର ବେହେରା, ଆଲୋକ ଦାସ, ବିଷ୍ଣୁ ବେହେରା, ସୁବ୍ରତ ମହାନ୍ତି, ଆଦିତ୍ୟ କାଣ୍ତି, ଦେବାଶିଷ ବିଶ୍ୱାଳ, ମିଥୁନ ଦାସଙ୍କ ସମେତ ସମସ୍ତ ସଦସ୍ୟ ସହାୟତା କରିଥିଲେ।

